Odia Daily
www.theutkalsamachar.com
ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:236✦ 23 December 2025 (Tuesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୩୬✦ ୨୩ ଡିସେମ୍ବର ୨୦୨୫ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ମଞ୍ଜୁରୀ :

ବିଭିନ୍ନ ଜିନିଷ ହୋଇଯିବ ଶସ୍ତା, କୃଷକଙ୍କୁ ମିଳିବ ଲାଭ

ନୂଆଦିଲ୍ଲୀ,୨୨।୧୨: ଭାରତ ଓ ନ୍ୟୁଜିଲାଣ୍ଡ ଭିତରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଯୋଡି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଭାରତ)କୁ ମିଳିଛି ମଞ୍ଜୁରୀ । ସୋମବାର ଫୋନ୍‌ରେ ଆଲୋଚନା ପରେ ବ୍ୟାପକ୍ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫଟିଏ) ବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ମଞ୍ଜୁରୀ ନେଇ ଐତିହାସିକ ଘୋଷଣା କରିଛନ୍ତି । ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଆଗାମୀ ବର୍ଷରେ ଅଭୂତପୂର୍ବ ନିବେଶ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ । ଉଲ୍ଲେଖନୀୟ ଯେ, ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏଫଟିଏ ଉପରେ ଆଲୋଚନା ମାର୍ଚ୍ଚ ୨୦୨୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଲକ୍ସନ ଭାରତ ଗସ୍ତ କରିଥିଲେ । ମାତ୍ର ୯ ମାସର ରେକର୍ଡ ସମୟ ମଧ୍ୟରେ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହେବା ଦୁଇ ଦେଶ ମଧ୍ୟରେ ରାଜନୈତିକ ଇଚ୍ଛାଶକ୍ତି ଏବଂ ରଣନୈତିକ ଦୂରଦୃଷ୍ଟିକୁ ପ୍ରତିଫଳିତ କରେ । ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଆଗାମୀ ୫ ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ ହେବ ବୋଲି ଉଭୟ ନେତା ବିଶ୍ୱାସ ପ୍ରକାଶ କରିଥିଲେ । ଏହି ଚୁକ୍ତିନାମା ଅନୁଯାୟୀ, ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ନିୟୁତ ଡଲାର ନିବେଶ କରିବ । ଏହି ନିବେଶ କୃଷି, ଦୁଗ୍ଧ, ଖାଦ୍ୟ ପ୍ରକ୍ରିୟାକରଣ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ । ନ୍ୟୁଜିଲାଣ୍ଡ ସହ ଏହି ଚୁକ୍ତି ପରବର୍ତ୍ତି ବର୍ଷରେ ଭାରତ ଓମାନ, ୟୁଏଇ, ୟୁକେ, ଅଷ୍ଟ୍ରେଲିଆ, ମରିସସ୍ ଓ ଉତ୍ତରାଞ୍ଚଳ (ୟୁରୋପୀୟ ଫ୍ରି ଟ୍ରେଡ୍ ବ୍ଲକ୍) ଏଭଳି ଚୁକ୍ତି କରିସାରିଛି । ଭାରତ ଦ୍ରୁତ ଗତିରେ ଭରସାଯୋଗ୍ୟ ବିଶ୍ୱ ବ୍ୟାପାର କେନ୍ଦ୍ର ରୂପରେ ଆଗକୁ ବଢୁଛି ।ଏହି ଚୁକ୍ତିନାମା ଅନୁଯାୟୀ, ନ୍ୟୁଜିଲାଣ୍ଡରୁ ଭାରତରେ ଆମଦାନୀ ହେଉଥିବା ୯୫ ପ୍ରତିଶତ ସାମଗ୍ରୀ ଉପରେ ଲାଗୁଥିବା ଶୁଳ୍କ ଉଚ୍ଛେଦ କରାଯିବ କିମ୍ବା ଯଥେଷ୍ଟ ହ୍ରାସ କରାଯିବ । ଏହା ବ୍ୟତୀତ, ଚୁକ୍ତିନାମାର ପ୍ରଥମ ଦିନରୁ ଅଧାରୁ ଅଧିକ ଉତ୍ପାଦ ଶୁଳ୍କମୁକ୍ତ ହେବ । ଏହା ବଜାର ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗୁଣାତ୍ମକ ସାମଗ୍ରୀ ସହଜରେ ଉପଲବ୍ଧ କରିବ । ଭାରତର କୃଷିଜୋନରୁ, ଏହା ରପ୍ତାନିକାରୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କୁହାଯାଉଛି । ଏହି ଚୁକ୍ତିନାମା ଆଗାମୀ ୫ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ରଖିଛି । ଏହା ସହିତ, ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିବାକୁ ବିଶ୍ୱାସ ପ୍ରକାଶ କରିଛି । ଏହି ନିବେଶ କେବଳ ଅର୍ଥନୀତିକୁ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ । ନ୍ୟୁଜିଲାଣ୍ଡ ବଜାର ଏବେ ଏମଏସ୍‌ଏମଇ, ଚାଷୀ ଏବଂ ନୂତନ ଉଦ୍ୟୋଗୀମାନଙ୍କୁ ଅନେକ ସୁଯୋଗ ପ୍ରଦାନ କରିବା ଅପେକ୍ଷାରେ ରହିଛି । ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଭାରତକୁ ଆଉ ଏକ ବଡ଼ କୂଟନୈତିକ ସଫଳତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଭାରତ)କୁ ମିଳିଛି ମଞ୍ଜୁରୀ । ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କରେ ଉନ୍ନତି ଆଣିବା ସହ ଦୁଇ ଦେଶର ସମ୍ପର୍କକୁ ବୃଦ୍ଧି କରିବ ।

ଲାଟ ଅଭିଯୋଗରେ ଲେଫ୍ଟନାଟ କର୍ଣ୍ଣେଲ ଗିରଫ

ନୂଆଦିଲ୍ଲୀ,୨୨/୧୨: ଚିନି ଲକ୍ଷ ଟଙ୍କା ଲାଟ ଗ୍ରହଣ କରୁଥିବାବେଳେ ସିବିଆଇ ପକ୍ଷରୁ ଶନିବାର ସେନାରେ କାର୍ଯ୍ୟରତ ଜଣେ ଲେଫ୍ଟନାଟ କର୍ଣ୍ଣେଲଙ୍କୁ ଗିରଫ କରାଯାଇଛି ।ଡେପୁଟେସନରେ ଆସିଥିବା ଲେଫ୍ଟନାଟ କର୍ଣ୍ଣେଲ ବିପକ କୁମାର ଶର୍ମା ଦର୍ଦମାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ପ୍ରତିରକ୍ଷା ଉତ୍ପାଦନ ବିଭାଗରେ ଡେପୁଟି ସ୍ମାର୍ଟ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ରପ୍ତାନୀ ଏବଂ ଅନ୍ୟ କାରବାରରେ ସଂପୃକ୍ତ ଘରୋଇ ଓ ବିଦେଶୀ କମ୍ପାନୀ ନିକଟରୁ ବିପକ ନିୟମିତ ଭାବେ ଲାଟ ଗ୍ରହଣ କରି ସେମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିଲେ । ବେଙ୍ଗାଲୁରୁର ଏକ ଫାର୍ମ ନିକଟରୁ ବିପକ ୩ ଲକ୍ଷ ଟଙ୍କା ଲାଟ ଗ୍ରହଣ କରୁଥିବାବେଳେ ଗୁପ୍ତଚର ସୂଚନାକୁ ଆଧାର କରି ସିବିଆଇ ତାଙ୍କୁ ଗିରଫ କରିଛି । ବିପକଙ୍କ ବାସଭବନରୁ ନଗଦ ୨.୩୬ କୋଟି ଟଙ୍କା ମଧ୍ୟ ଜବତ କରାଯାଇଛି । ବିପକଙ୍କ ପତ୍ନୀ କର୍ଣ୍ଣେଲ ଭାଳକ ବାଳି ବର୍ତମାନ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଥିବା ୧୬ ଇନ୍‌ଫାଣ୍ଟ୍ରି ଡିଭିଜନ ଅର୍ଡନାନସ ସୁନିଟର ସିଓ (କମାଣ୍ଡି ଅଫିସର) ଭାବେ କାର୍ଯ୍ୟରତ ଅଛନ୍ତି । ସିବିଆଇ ପକ୍ଷରୁ ବିପକ, ଭାଳକଙ୍କ ସମେତ ଚୁଇଜଣ ଦଲାଲ ରାଜୀବ ଓ ରବଜିତ୍‌ଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଅଦାଲତରେ ହାଜର କରାଯିବା ପରେ ବିଚାରପତି ଲେଫ୍ଟନାଟ କର୍ଣ୍ଣେଲ ବିପକଙ୍କୁ ୨୩ ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଇଛନ୍ତି ।

ନିଆଁରେ ପୋଡ଼ି ୪ ଗୁରୁତର

ଜୋଇସରା,୨୨/୧୨(ନି/ପ୍ର): ରାନ୍ଧନ ଗ୍ୟାସ୍‌ଲିଜେକ ଥିବା ସମୟରେ ଅସାବଧାନତା କାରଣରୁ ଲାଗିଲା ନିଆଁ । ଦୁର୍ଘଟଣାରେ ଜୋଇସରା ବ୍ଲକ୍ ଟେମେରା ଗାଁ ସତନାମୀପଡ଼ାର ୪ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ସମସ୍ତ ଆହତଙ୍କୁ ଜୋଇସରା ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି । ସୂଚନାନୁସାରେ, ଟେମେରା ଗ୍ରାମର ଦେବରାଜ ସୁନାନୀଙ୍କ ଘରେ ସୋମବାର ସକାଳେ ରାନ୍ଧନ ଗ୍ୟାସ ସିଲିଣ୍ଡର ଲିଜେକ୍ ହୋଇ ନିଆଁ ଲାଗିଯାଇଥିଲା । ଗ୍ୟାସ୍ ସିଲିଣ୍ଡର ବନ୍ଦ କରିବାକୁ ଯାଇ ଦେବରାଜ ସୁନାନୀ ତାଙ୍କର ପରିବାରର ଦୁଷ୍ମନ୍ତ ସୁନାନୀ, ବିକାଶ ସୁନାନୀ, ଭୀମସେନ ପାଣିଗ୍ରାହୀ ନିଆଁରେ ପୋଡ଼ିଗୁରୁତର ହୋଇଛନ୍ତି ।

ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଲା ବସ୍
ଚାଲିଗଲା ୧୫ ଜୀବନ

ନୂଆଦିଲ୍ଲୀ,୨୨/୧୨: ଇଣ୍ଡୋନେସିଆରେ ଏକ ବଡ଼ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଏକ ଅନିୟନ୍ତ୍ରିତ ବସ୍ ଓଲଟି ପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ଇଣ୍ଡୋନେସିଆର ମୁଖ୍ୟ ଜାଭା ଦ୍ୱୀପରେ ରବିବାର ବିକମ୍ବିତ ରାତିରେ ଏହି ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି । ଅଧିକାରୀଙ୍କ ଅନୁସାରେ, ବସ୍‌ଟି ହଠାତ୍ ଏକ ଟୋଲ୍ ରାସ୍ତାରେ ନିୟନ୍ତ୍ରଣ ହରାଇବାରୁ ଏକ କଂକ୍ରିଟ୍ ବାରିୟରରେ ଧକ୍କା ଦେଇ ଓଲଟି ପଡ଼ିଥିଲା । କହିରଖୁଛୁ ଯେ, ଏହି ବସ୍‌ଟି ରାଜଧାନୀ ଜାକର୍ତାରୁ ଦେଶର ପ୍ରାଚୀନ ରାଜଳୀୟ ନଗରୀ ଯୋଗ୍ୟାକାର୍ତାକୁ ଯାଉଥିବା ବେଳେ ଏହା ଓଲଟି ପଡ଼ିଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସର୍ଜ ଆଣ୍ଡ ରେସକ୍ୟୁ ଏଜେନ୍ସି ମୁଖ୍ୟ କୁଡିଓନୋ କହିଛନ୍ତି, ବସ୍‌ଟି ୩୪ ଜଣ ଯାତ୍ରୀଙ୍କୁ ନେଇଯାଉଥିଲା । ଏକ ଟୋଲ୍ ରାସ୍ତାରେ ଅତିକ୍ରମ କରୁଥିବା ସମୟରେ, ଡ୍ରାଇଭର ନିୟନ୍ତ୍ରଣ ହରାଇ ଏକ କଂକ୍ରିଟ୍ ବାରିୟରରେ ପିଟି ହୋଇଗଲେ । ଧକ୍କା ଏତେ ଜୋରରେ ଥିଲା ଯେ ବସ୍‌ଟି ରାସ୍ତା କଡ଼ରେ ଓଲଟି ପଡ଼ିଥିଲା । ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣା ବେଳେ ବସ୍‌ରୁ ଅନେକ ଯାତ୍ରୀ ଛିଟିକି ପଡ଼ିଥିଲେ, ଓ କିଛି ବସ୍ ଭିତରେ ଫସି ରହିଥିଲେ । ଦୁର୍ଘଟଣା ଯୋଗୁଁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସତର୍କ କରାଯିବା ପରେ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ବୁଡିଓନୋ କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟ ଏକ ଚ୍ୟାଲେଞ୍ଜିଂ ଥିଲା । କାରଣ ବସ୍‌ଟି ବହୁତ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବସ୍ ଝରକା ଭାଙ୍ଗି ଯାଇଥିବାରୁ ଭିତରେ ଫସି ରହିଥିବା ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟକର ଥିଲା । ତଥାପି, ବହୁତ ଚେଷ୍ଟା ପରେ ଉଦ୍ଧାରକାରୀଦଳ ସମସ୍ତ ପୀଡ଼ିତଙ୍କୁ ବାହାର କରିବାରେ ସଫଳ ହୋଇଥିଲେ ଏବଂ ପରେ ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସ୍ଥାନୀୟ ପ୍ରଶାସନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ଦ୍ରୁତ ଗତି ଏହି ଦୁର୍ଘଟଣା ପଛରେ କାରଣ ବୋଲି କୁହାଯାଉଛି । ତଦନ୍ତ ପରେ ଦୁର୍ଘଟଣାର ସଠିକ୍ କାରଣ ନିର୍ଣ୍ଣୟ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି ।

ଯୁବତୀଙ୍କ ଠାରୁ ମୋବାଇଲ୍ ଲୁଟ୍

ଭୁବନେଶ୍ୱର, ୨୨/୧୨(ନି/ପ୍ର): ରାଜଧାନୀରେ ଲୁଟେରାଙ୍କ ଉତ୍ପାତ । ଯୁବତୀଙ୍କ ଠାରୁ ହଜାର ନେଲେ ମୋବାଇଲ ଫୋନ । ଏହାପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ । ଆଜି ସକାଳୁ ସହିଦ ନଗର ଅଂଚଳରେ ଲୁଟର ଶିକାର ହୋଇଛନ୍ତି ଯୁବତୀ । ବସଷ୍ଟାଣ୍ଡକୁ ଯାଉଥିବା ବେଳେ ଦୁଇଜଣ ସ୍କୁଟିରେ ଆସି ମୋବାଇଲ ଲୁଟିନେଇ ଥିବା ଅଭିଯୋଗ ହୋଇଛି ।

ହାଇଦ୍ରାବାଦ ନିବେଶକ ସମ୍ମିଳନୀ ସଫଳ :

ମିଳିଲା ୬୭ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୨୨/୧୨(ନି/ପ୍ର): ଓଡ଼ିଶାର ଔଦ୍ୟୋଗିକ ବିକାଶ ହେବ । ରାଜ୍ୟକୁ ନିବେଶର ସୁଅ ଛୁଟିବ । ହାଇଦ୍ରାବାଦ ନିବେଶକ ସମ୍ମିଳନୀରେ ୧୩ଟି ଏମଓୟୁ ସହ ୬୭ ହଜାର କୋଟିର ନିବେଶ ପ୍ରସ୍ତାବ ମିଳିଛି । ଜନଭେଷ୍ଟର ମିଟରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରତିକ୍ରିୟା ଦେଇଛନ୍ତି । ହାଇଦ୍ରାବାଦ ନିବେଶକ ସମ୍ମିଳନୀରେ ଓଡ଼ିଶାକୁ ସଫଳତା ମିଳିଛି । ଦୁଇ ଦିନିଆ ଜନଭେଷ୍ଟର ମିଟ୍‌ରେ ପ୍ରାୟ ୨୫ଟି ବୈଠକ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶାର ଔଦ୍ୟୋଗିକ ବିକାଶ ପାଇଁ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ସିଏମ୍ । ଏହି ସମ୍ମିଳନୀରେ ପ୍ରାୟ ୧୩ଟି ଏମଓୟୁ ସ୍ୱାକ୍ଷର ହୋଇଥିବା ବେଳେ ୬୭ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛନ୍ତି ସରକାର । ଏଥିମଧ୍ୟରୁ ୨୭ ହଜାର ୬୫୦ କୋଟି ଟଙ୍କାର ଗତଟ ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୫୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଆହୁରି ଥରିବ ପୁରା ଓଡିଶା
ବଡଦିନରୁ ଆହୁରି ବଢିବ ଶୀତର ପ୍ରକୋପ

ଭୁବନେଶ୍ୱର,୨୨/୧୨(ନି/ପ୍ର): ରାଜ୍ୟରେ ଜାରି ରହିବ ଶୀତର କୋପ । ଡିସେମ୍ବର ୨୫ ତାରିଖରୁ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ସମ୍ଭାବନା । ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହୁ ବୃଦ୍ଧି ଯୋଗୁ ବଢିପାରେ ଶୀତ । ପଶ୍ଚିମା ଝଡ଼ ପ୍ରଭାବରେ ରାତ୍ରି ତାପମାତ୍ରା କମିବା ଆଶଙ୍କା । ଭୁବନେଶ୍ୱର ଆଚଂଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା । ଆଗରୁ ଉତ୍ତର ପଶ୍ଚିମ ଓ ଉତ୍ତର ଦିଗରୁ ଜୋରରେ ଥଣ୍ଡା ପବନ ବହୁଥିଲା । ଏହା ପ୍ରଭାବରେ ଶୀତ ଅଧିକ ଅନୁଭୂତ ହେଉଥିଲା । ଏବେ ପବନର ବେଗ ସାମାନ୍ୟ କମିପାରେ । କିନ୍ତୁ ଶୀତର ପ୍ରକୋପରେ ବେଶି ପରିବର୍ତ୍ତନ ଆସିବନି, ଏହା ଜାରି ରହିବ । ୩୦ ତାରିଖ ବେଳକୁ କିଛି ସ୍ଥାନରେ ଅଧିକ ଶୀତ ହେବନି ଓ ପାଗ ଆରାମଦାୟକ ରହିବ ବୋଲି କହିଛି ପାଣିପାଗ ବିଭାଗ । ସୋମ ପରିବେଶ ଓ ଜଳବାୟୁ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁ ଏହି ଆକଳନ କରିଛନ୍ତି । ପାରଦ ତଳମୁହାଁ ହେବା ସହ ପ୍ରବଳ ଶୀତକୁ ଲାଢ କଲାବେଳ କରୁଛି । ସପ୍ତ ନଇଁଲେ ଶୀତର ପ୍ରକୋପ ବଢ଼ିବାରେ ଲାଗୁଛି । ରାତି ଯେତେ ବଢୁଛି, ଜାଡ଼ ସେତେ ଅଧିକ ହେଉଛି । ଜି. ଉଦୟଗିରି ସହରର ତାପମାତ୍ରା ୪ଡୁ ୫ଡିଗ୍ରି ରହୁଥିବା ବେଳେ ଦାର୍ଜିଲିଙ୍ଗବାଡି, ଫୁଲବାଣୀ, ବାଲିଗୁଡ଼ା, ବେଲଗଡ଼ସମେତ ଜିଲ୍ଲା ତମାମ ୬ଡୁ ୮ ଡିଗ୍ରୀ ମଧ୍ୟ ରେ ତାପମାତ୍ରା ରହୁଥିବା ରେକର୍ଡ କରାଯାଇଛି । ଅପରପକ୍ଷେ, ରାଜ୍ୟର ଜିଲ୍ଲାସ୍ଥାନରେ ଗୁରୁବାରଦିନ କୁଜ୍ଝଟିକା ପଡ଼ିଥିବା ଦେଖିବାକୁ ମିଳିଥିଲା ।

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ
ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗର ତୁରନ୍ତ ପୁନର୍ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୨/୧୨(ନି/ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି) ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି । ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲିସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ଜାନୁଆରୀ ୩, ୨୦୨୪ରେ ଶେଷ ହୋଇସାରିଛି ଏବଂ ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି । ଆୟୋଗ କାର୍ଯ୍ୟକ୍ଷମ ନଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଏବଂ ଜଳଧାରଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାନ୍ଧିଆନିକ ମଂଚରୁ ବଂଚିତ ହେଉଛନ୍ତି । ନୂତନ ଜାତିଭୁକ୍ତ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ବେକ୍ଷଣ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି । ଦେଶୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏବାନ୍ତ ଆବଶ୍ୟକ । ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

ସବୁ ଚିଟ୍‌ଫଣ୍ଡ ଜମାକାରୀ ପାଇବେ ଟଙ୍କା

ଭୁବନେଶ୍ୱର,୨୨/୧୨(ନି/ପ୍ର): କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନେଇ ଅର୍ଥ ବିଭାଗର ବିଜ୍ଞପ୍ତି ପ୍ରକାଶ । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ର

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଇଣ୍ଡିଆନ ବାଇ ବାର୍ଥର ଆଲୋଚନାଚକ୍ର

କେନ୍ଦୁଝର,୨୨/୧୨(ନି/ପ୍ର): ନଗରଭବନ ଠାରେ କେନ୍ଦୁଝର ଜିଲ୍ଲାର ଅନ୍ୟତମ ମାନବୀୟ ଅନୁଷ୍ଠାନ ଇଣ୍ଡିଆନ ବାଇ ବାର୍ଥ ପକ୍ଷରୁ ଏକ ସମୃଦ୍ଧ କେନ୍ଦୁଝର ବିକଶିତ ଓଡିଶା ୨୦୨୫ ଜନଲ୍କେଲ ଆୟୋଜିତ ସୋଇଯାଇଛି,ଫାଉଣ୍ଡର ଟ୍ରଷ୍ଟି ଙ୍କ ସୁନୀଲ କୁମାର ବେହେରା ଏବଂ ଲୋ ଫାଉଣ୍ଡର ଟ୍ରଷ୍ଟି ଙ୍କ ସତ୍ୟରଞ୍ଜନ ସାହୁଙ୍କ ସଂଯୋଜନା ରେ ଏହି ଆଲୋଚନା ଚକ୍ର ରେ ଜିଲ୍ଲାର ବହୁ ବୁଦ୍ଧିଜୀବି, ରାଜନେତା, ସାଧାରଣ ଜନତା, ସମାଜସେବୀ, ପ୍ରଶାସନିକ ଅଧିକାରୀ ଯୋଗଦେଇ ନୂତନ କେନ୍ଦୁଝର ପରିକଳ୍ପନା ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଥିଲେ, ସର୍ବସମ୍ମତ ମତାମତଅନୁଯାୟୀ କେନ୍ଦୁଝର ର ସୁ ସନ୍ତାନ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ସମୃଦ୍ଧ କେନ୍ଦୁଝର ନିର୍ମାଣ ଉଦ୍ୟମ କୁ ଜାତି ବର୍ଣ୍ଣ ଘୋଷା ନିର୍ବିଶେଷରେ ଗଠନ ମୂଳକ ସହଯୋଗ ଦେଇ ଶ୍ୱାଲିମାନୀ କେନ୍ଦୁଝରିଆ ଙ୍କ ନୂତନ କେନ୍ଦୁଝର ପରିକଳ୍ପନା କୁ ସ୍ୱୀକାର କରିବାକୁ ମତ ରଖିଥିଲେ ।

ରାଜଧାନୀ ସେବାସଂଘର ପ୍ରତିଷ୍ଠା ଦିବସ ପାଳିତ

ଭୁବନ,୨୨/୧୨(ନି/ପ୍ର): ରାଜଧାନୀ ସଂଗ୍ରାମୀ ସେବାସଂଘର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜର ଅସହାୟ ଜର୍ଜର ପୀଡିତଙ୍କ ଉଦ୍ଦେଶ୍ୟରେ ବାପୁ ଓଡାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସମାଜ ମଙ୍ଗଳ ହୁଣ୍ଡି ଭଙ୍ଗାଯାଇ ସେଥିରୁ ପ୍ରାପ୍ତ ହୋଇଥିବା ୩୫ ହଜାର ୨୦ ଟଙ୍କାର ଅର୍ଥରାଶୀ ଭୁବନେଶ୍ୱର ଜଳନା ଅଂଚଳର ୯ ବର୍ଷର ଜର୍ଜର ପିଡିତା ଶ୍ୱାଲେହା ଆଞ୍ଜୁମଙ୍କୁ ପ୍ରଦାନ କରାଯାଇଥିଲା । ତାଙ୍କ ପିତା ଏହି ଅର୍ଥରାଶୀ ଗ୍ରହଣ କରିଥିଲେ । ବରିଷ୍ଠ ସାମାଜିକ ପ୍ରବୋଧ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ଲୋକସମ୍ପର୍କ ଅଧିକାରୀ ଡଃ.ଜମାଳାକ୍ଷ ମହାପାତ୍ର ଯୋଗ ଦେଇ ୯ ବର୍ଷ ପୂର୍ବେ ନୂତନ ପରିକଳ୍ପନା ନେଇ ସମାଜମଙ୍ଗଳ ହୁଣ୍ଡି ବସାଯାଇ ମୁଖ୍ୟତଃ ପାନ, ଗୁଟୁକା ଦୋକାନରୁ ଅର୍ଥ ସଂଗ୍ରହ କରାଯାଇଥିଲା । ଯାହାକି ଏବେ ବ୍ୟାପକ ହୋଇ ଜନ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି । ମୁଖ୍ୟବକ୍ତା ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇ ୧୦ ରୁ ୧୫ ଟି ସମାଜ ମଙ୍ଗଳ ହୁଣ୍ଡି ମାଧ୍ୟମରେ ଅର୍ଥ ଆଦାୟ କରିବା ସେହି ଅର୍ଥରୁ ଦୁଖୀ ବଚିତ୍ରଙ୍କ ସେବାରେ ଲଗାଇବା ମହାନ୍ ମାନବିକତାର ପରିଚାୟକ ବୋଲି କହିଥିଲେ । ସଭାନିତ ଅତିଥିଭାବେ ବରିଷ୍ଠ ସାମାଜିକ ଗିରିଜା ଶଙ୍କର ବାଣ, କର୍ପୋରେଟର ଅମରେଶ ଜେନା ।

କେନ୍ଦୁଝରରେ ମହୁମାଛିର ଶିକାର ହେଲେ ଶ୍ରମିକ

କେନ୍ଦୁଝର,୨୨/୧୨(ନି/ପ୍ର): କେନ୍ଦୁଝର ସହର ଉପକଣ୍ଠ ଡିୟୋ ଗ୍ରାମ ରେ ଅବସ୍ଥିତ ଏକ ଘରୋଇ ଇଞ୍ଜିନିଅରିଂ କଲେଜରେ ବୈନିକମହୁରିଆ ଶ୍ରମିକ ଶଙ୍କାଳି ମହାରଣା ମହୁମାଛି ଆକ୍ରମଣରେ ପ୍ରାଣତ୍ୟାଗ କରିଛି, ବିନା ସୁରକ୍ଷା ରେ ମହୁମାଛି ବସା ଭାଙ୍କୁ ଥିବାବେଳେ ଆକ୍ରମଣ ର ଶିକାର ହୋଇଥିବାର ଜଣା ପଡିଛି, କଲେଜ କର୍ତ୍ତୃପକ୍ଷ ଘଟଣା ଟିକୁ ରଫାଦଫା କରିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି, ଏହି କଲେଜ ରେ ବହୁବେନିୟମ କାର୍ଯ୍ୟ ହେଉଥିବା ର ଗୁରୁତର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ଜାଣିଜି ଚୁପଚାପ ବସିଛି କିଛି ଜଣା ଯାଉ ନାହିଁ, ଅନେକ ଛାତ୍ର ଛାତ୍ରୀ ଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରାଯାଉଥିଲେ ମଧ୍ୟ ଶିକ୍ଷାବିଭାଗ ଚୁପ, ଶିକ୍ଷା ବଦଳରେ ଶୋଷଣ ଏଠାରେ ବ୍ୟାପକ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଭବିଷ୍ୟତ ରେ ଦିସ, ଜିଟ ର ଅବସ୍ଥା କେନ୍ଦୁଝର ରେ ହେବାର ଅନେକ ସମ୍ଭାବନା ।

ସ୍ୱାମୀ-ସ୍ତ୍ରୀଙ୍କୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କା-ସୁନା ଗହଣା ଲୁଟିଲେ ଡକାୟତ

ରାଇଗଂପୁର/ଡିଙ୍ଗି,୨୨/୧୨(ନି/ପ୍ର): ଘରେ ପଶି ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ କରି ୫ ଜଣ ଡକାୟତ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟିନେଇଛନ୍ତି । ମୟୂରଭଞ୍ଜଜିଲ୍ଲା ଡିଙ୍ଗି ଥାନା ଅନ୍ତର୍ଗତ ବଡସିଆଳଙ୍ଗ (ଗୁମୁଡିଗୁଡୁ) ଗାଁରେ ଏଭଳି ଘଟଣା ଘଟିଛି । ସୂତନା ଅନୁଯାୟୀ ମଙ୍ଗଳବାର ରାତିରେ ବଡ଼ିସିଆଳଙ୍ଗ ଗାଁର ଅଶ୍ୱନୀ ମହାନ୍ତଙ୍କ ଘରେ ଡକାୟତି ହୋଇଛି । ନଗଦ ୬୧ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା, ଏଚିଏମ୍ କାର୍ଡ ଓ ଜଂସା ବାସନ ସବୁ ଲୁଟି ନେଇଛନ୍ତି ୫ ଜଣ ଡକାୟତ । ଏନେଇ ଡିଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବଡସିଆଳଙ୍ଗ ସାହିର ଶ୍ରୀ ମହାନ୍ତ । ଗତ ରାତିରେ ନିଜ ଗୃହାଳ ଘରେ ଥିବା ଗାଈଗୋରୁଙ୍କୁ ଖାଇବାକୁ ଦେଉଥିବା ବେଳେ ପୂର୍ବରୁ ଘର ପାଚେରୀ ଡେଇଁ ସେଠାରେ ଲୁଚି ଥିବା ୫ ଜଣ ଡକାୟତ ଆତର୍କିତ ଭାବେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ । ଏଥି ସହିତ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଡକାୟତମାନେ ଆକ୍ରମଣ କରି ଜାବୁ କରି ନେଇଥିଲେ । ଘରେ ଥିବା ନଗଦ ଟଙ୍କା, ସୁନାଗହଣା, ଜଂସାବାସନ ପ୍ରଭୃତି ଲୁଟି ନେଇ ସେଠାରୁ ଖସି ପଳାଇ ଯାଇଥିଲେ । ତେବେ ଡକାୟତ ମାନେ ଓଡ଼ିଆ ଓ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ବିଭିନ୍ନ ମାଗଣାସ୍ତ୍ର ଧରିଥିଲେ ବୋଲି କହିଛନ୍ତି ଗୃହୁରେକ ଅଶ୍ୱନୀ ମହାନ୍ତ । ଏହି ଘଟଣାକୁ ନେଇ ଡିଙ୍ଗି ଥାନାରେ ସେ ଏକ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ମୟୂରଭଞ୍ଜ ଜିଲ୍ଲାର ଡିଙ୍ଗି ଅଂଚଳଟି ଝାଡ଼ଖଣ୍ଡର ସୀମାନ୍ତରେ ଥିବାରୁ ଡକାୟତମାନେ ଝାଡ଼ଖଣ୍ଡ ରାଜ୍ୟକୁ ଖସି ପଳାଇ ଯାଇଥିବା ସନ୍ଦେହ କରାଯାଉଛି । ସେପରେଟ ଆହତ ଅବସ୍ଥାରେ ଅଶ୍ୱନୀ ମହାନ୍ତଙ୍କ ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ରାଇରଙ୍গପୁର ମେଡିକାଲରେ ଭର୍ତ୍ତି କରିଥିବା

ବେଳେ ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ କାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ସାଇନବିପିକ୍ସ ଟିମ୍, ରାଇଗଂପୁର ଏସଡିପିଓ ଓ ଡିଙ୍ଗି ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ

ଉତ୍ତର,୨୨/୧୨(ନି/ପ୍ର): ଉତ୍ତର ଜିଲ୍ଲା କେନ୍ଦୁଆପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୪୨ତମ ଜିଲା ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳାଟକ ଭାବେ ଭଲାରିପୋଷରା ବିଧାୟକ ସଚ୍ଚାତ ମଲ୍ଲିକ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଜିଲ୍ଲା ଓଷ୍ଟା ସଭାପତି ଶଶୀ ଶେଖର ଜରଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଶ୍ରୀ ମଲ୍ଲିକ, ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ମୁଖ୍ୟ ବକ୍ତା ବନ୍ତ ଆଂଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶୁଭେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ବକ୍ତା ପୂର୍ବତନ ରାଜ୍ୟ ଓଷ୍ଟା ସମ୍ପାଦକ ରଘୁନାଥ ସାହୁ, ସମ୍ମାନିତ ଅତିଥି ବୁକ ଉପାଧ୍ୟକ୍ଷ ପ୍ରଗତିବାଳା ସ୍ୱାଇଁ, କେନ୍ଦୁଆପଡା ସରପଂଚ ଶ୍ରୀ.ପ୍ରମୋଦ ଜେନା, ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ମିଶ୍ର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବନ୍ତ ବୁକ ସଭାପତି ଶ୍ରୀଧାର ପଣ୍ଡା ଅତିଥି ମାନଙ୍କୁ ସମ୍ମାନ ଆହ୍ୱାନ, ଉତ୍ତର ବୁକ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ, ଜିଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ ବିବରଣୀ ପାଠ, ବାସୁଦେବପୁର ସମ୍ପାଦକ

ଓଡିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା କେନ୍ଦୁଝରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ

କେନ୍ଦୁଝର,୨୨/୧୨(ନି/ପ୍ର): ମହିଳାମାନଙ୍କ ସହ ଜଡିତ ଅଭିଯୋଗର ସମାଧାନ ଏବଂ ଜିଲ୍ଲା ସ୍ତରରେ ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ଦିନ ଓଡିଶା ରାଜ୍ୟ ମହିଳା କମିଶନର ଏକ ବ୍ୟାମ୍ପ କୋର୍ଟ ଶୁଣାଣି କେନ୍ଦୁଝର ଜିଲ୍ଲାପାଳଙ୍କ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ସଦସ୍ୟ ଶ୍ରୀମତୀ ପ୍ରତିଭା ଶତପଥୀ, ଉପ-ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ପ୍ରଭା ଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିତା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । କମିଶନଙ୍କ ନିର୍ଦ୍ଦେଶର ସମନ୍ୱୟ ସହ କାର୍ଯ୍ୟାନୁସମରେ ସହାୟତା କରିବା ପାଇଁ ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସହଯୋଗ କରିଥିଲେ । କ୍ୟାମ୍ପ କୋର୍ଟରେ ମୋଟ ୨୧ ଟି ମାମଲା ସଂଢୀକୃତ ହୋଇଥିବାବେଳେ ଚନୁଧରୁ ୧୪ ଟି ମାମଲାରେ ପକ୍ଷ ହାଜର ହୋଇଥିଲେ । ସେଥିମଧ୍ୟରୁ ୭ ଟି ମାମଲାରେ ଉଭୟ ପକ୍ଷ, ୫ ଟି ମାମଲାରେ କେବଳ ଆବେଦନକାରୀ ଏବଂ ୨ ଟି ମାମଲାରେ କେବଳ ବିପରୀତ ପକ୍ଷ ହାଜର ହୋଇଥିଲେ । ଶୁଣାଣି ପରେ, ଚାରୋଟି ମାମଲା ଘଟଣାସ୍ଥଳେ ଆପୋଷ ସମାଧାନ କରାଯାଇଥିଲା । ଦୁଇଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା ଏବଂ ଗୋଟିଏ ମାମଲା ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ପଠାଯାଇଥିଲା । ୫ଟି ମାମଲାରେ, ପରବର୍ତ୍ତୀ ତାରିଖରେ ହାଜର ହେବା ପାଇଁ ପକ୍ଷମାନଙ୍କୁ ନୂତନ ନୋଟିସ ଜାରି କରାଯାଇଥିଲା । ସମ୍ମୁଖ ପକ୍ଷଙ୍କ ଅସହଯୋଗ ଯୋଗୁଁ ଦୁଇଟି ମାମଲା ପ୍ରତ୍ୟାହାର କରାଯାଇଥିଲା । ଏହା ସହିତ, କ୍ୟାମ୍ପ କୋର୍ଟ ସମୟରେ କମିଶନ ଦୁଇଟି ନୂତନ ମାମଲା ଗ୍ରହଣ କରିଥିଲେ । ସୂତନାଯୋଗ୍ୟ ଓଡିଶା ରାଜ୍ୟ ମହିଳା କମିଶନର କ୍ୟାମ୍ପ କୋର୍ଟ ଜିଲ୍ଲା ସ୍ତରରେ ଅଭିଯୋଗ ସମାଧାନ ପାଇଁ ଏକ ସୁଗମ ଏବଂ ପ୍ରଭାବଶାଳୀ ମଂଚ ପ୍ରଦାନ କରି ଉତ୍ପୀଡ଼ନର ଶିକାର ହେଉଥିବା ମହିଳାମାନଙ୍କୁ ସହଜରେ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ।

ଟାଉନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର, ୨୨/୧୨(ନି/ପ୍ର): କେନ୍ଦୁଝର ପୁରୁଣା ବଜାରସ୍ଥିତ ଟାଉନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ୩୮ତମ ସଂସ୍କରଣ ଦୁଇଦିନ ଧରି ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସୁସ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିବା ସହ କ୍ରୀଡାର ଉପାଦେୟତା ତଥା ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଂଚାଳକ ଶିକ୍ଷା ସେବୁର ସଭାପତି ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଯୋଗ ଦେଇ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉତ୍ସବର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣ କୁମାର ସଭାପତିତ୍ୱ କରିଥିଲେ ଏବଂ ଶିକ୍ଷୟତ୍ରୀ ମିନାକ୍ଷୀ ସାହୁ ସଭା ପରିଚାଳନା କରିଥିଲେ । ସଭା ଶେଷ ହେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ମାନେ ନଗର ଭବନ ନିକଟସ୍ଥ ଷ୍ଟାଡିୟମକୁ ଯାଇ ବିଭିନ୍ନ ଆଥଲେଟିକ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପୁନର୍ବାର ଦ୍ୱିତୀୟ ଦିନ ପ୍ରତିଯୋଗିତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ସବଦ ବୁକ ଘୋଷୀ ଶିକ୍ଷା ଅଧିକାରୀ ଓଂକାର ଅନ୍ନେଷ ଯୋଗଦେଇ କ୍ରୀଡାର ମୂଲ୍ୟବୋଧ ସମ୍ପର୍କରେ ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ସଭାନିତ ଅତିଥି ଭାବେ ଅବସରପ୍ରାପ୍ତ ତହସିଲଦାର କାର୍ତ୍ତନ ବିହାରୀ ଓଝା ବିଦ୍ୟାଳୟର ଂଚପରଷା ଶିକ୍ଷା ସେବୁର ସଭାପତି ସଂଯୁକ୍ତା ମହାନ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଧିଭା ଅବତରଣ ପରେ ଛାତ୍ରୀ ମାନଙ୍କ ଦ୍ୱାରା ଏକ ଅଭିନବ ଯୋଗ ପ୍ରଦର୍ଶନୀ କରା ଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ସୁଚିକର ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ରଞ୍ଜନ ମହାନ୍ତ , ଦେବେନ୍ଦ୍ର ସେଠୀ, ଶିକ୍ଷୟତ୍ରୀ ମମତା ହାଜରା, ଧରିତ୍ରୀ ନାୟକ, ରଜନୀ ବୋଦ୍ରା, ଅର୍ପିତା ମହାନ୍ତି, କର୍ମଚାରୀ ଗଙ୍ଗାଧର ସାହୁ ତଥା ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟରୁ ପ୍ରାକ୍ଟିସିଙ୍ଗ ଟିଚିଂ ପାଇଁ ଆସିଥିବା ବିଏଡ଼ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

ବଡ଼ବିଲ ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର,୨୨/୧୨(ନି/ପ୍ର): ବଡ଼ବିଲ୍ ବଡ଼ବିଲ୍ ଟାଉନ ହଲ ସଭାଗୃହରେ ୨୦୨୫ ବଡ଼ବିଲ ମହୋତ୍ସବ ପାଳନ ନିମନ୍ତେ ଗତକାଲି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବଡ଼ବିଲ ମହୋତ୍ସବ ପାଳନ କମିଟିର ସ୍ଥାୟୀ ସଭାପତି ବଂଶୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ, କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ମହାନ୍ତି, ଉପଦେଷ୍ଟା ବିଜୟ ମହାନ୍ତି, ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଜୁଆ, ବନାଂଚଳ ଅଧିକାରୀ ବିଭୂତି କୁମାର ରାଉତ, ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ ପୌରନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପୂର୍ବତନ ବଡ଼ବିଲ ପୌରାଧକ୍ଷ ବିଭୂତି ମିଶ୍ର ପ୍ରମୁଖ ମଂଚାସିନ ଥିଲେ । ପୂର୍ବବର୍ଷ ଦୁଇନା ରେ ଚଳିତ ବର୍ଷ ବଡ଼ବିଲ ମହୋତ୍ସବ କିପରି ଅଧିକ ଆକର୍ଷଣୀୟ ଓ ସୁନ୍ଦର ହୋଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଓଡ଼ିଆ ସଂସ୍କୃତିକୁ ଆଧାରକରି ମହୋତ୍ସବ ପାଳନ କରାଯିବା ସହିତ ବାହାର ଅଂଚଳର କଳାକାର, ନୃତ୍ୟଶିଳ୍ପୀ, ଲୋକ କଳା, ସଂସ୍କୃତି ଓ ପ୍ରସିଦ୍ଧ ସାମଗ୍ରୀ କୁ ସାମିଲ କରାଯିବା ନିମନ୍ତେ ନିଷ୍ପତ୍ତି ନିଆ ଯାଇଥିଲା । ଆସନ୍ତା ଜାନୁୟାରୀ ୨୯ ତାରିଖ ଠାରୁ ଫେବୃଆରୀ ୧ ତାରିଖ ଚାରି ଦିନ ପର୍ଯ୍ୟନ୍ତ ବଡ଼ବିଲ ମହୋତ୍ସବ ପାଳନ କରାଯିବା ନିମନ୍ତେ ସହମତି ପ୍ରକାଶ ପାଇଛି । ବଡ଼ବିଲ ଅଂଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଜନସାଧାରଣ ଓ ମହୋତ୍ସବ ପାଳନ କମିଟିର ମିଟିର ସମସ୍ତ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ ।

ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଚମ୍ପୁଆ, ୨୨/୧୨(ନି/ପ୍ର): ତିନି ବର୍ଷ ତଳେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଣୟ କୁମାର ବାସ ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ପା ଂଚ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଚମ୍ପୁଆ ଥାନା ଅର୍ନ୍ତଗତ ବଡନଈ କଳନ୍ଦାଥପୁର ଗ୍ରାମର ପ୍ରବୀପ କୁମାର ମହାନ୍ତ ଗ୍ରାମର ଭାଗୀରଥୀ ମହାନ୍ତଙ୍କ ଝିଅ ଶାନ୍ତିଲତା ମହାନ୍ତଙ୍କୁ ବୈବିକ ରାତିରେ ବିବାହ କରିଥିଲେ । ତେବେ ବିବାହର ପା ଂଚ ବର୍ଷ ପରେ ଗ୍ରାମର ଜଣେ ଯୁବତୀଙ୍କ ସହ ପ୍ରବୀପ ସମ୍ପର୍କ ରଖିବାରୁ ସ୍ତ୍ରୀ ଶାନ୍ତିଲତା ଏହାକୁ ବିରୋଧ କରିଥିଲେ । ପ୍ରବୀପଙ୍କ ପରିବୀୟ ପ୍ରୀତିରୁ

ବିବିଧା

ରାଶି ଫଳ

ମେଷ: କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଫ୍ରେମିଲ ଫ୍ରେମିଲାଙ୍କ ରାଶି ଦିନଟି ଭଲମା ବ୍ୟବସାୟରୁ ଲାଭ ମିଳିବ। ଅଧିକ୍ୟ ସମସ୍ୟା ସମାଧାନ ହେବ।

ବୃଷ: ଈର୍ଷା, ମନୋଲକ୍ଷମ୍ବ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ ଚଳିବାରି ଦୂର ଯାତ୍ରାକୁ ମାଡ଼ିଦେଇବେ। ପ୍ରେମ ମାମଲାରେ ଜିତି ନ୍ୟାୟ ନିଷ୍ପତ୍ତି ମେଳେ। ପ୍ରିୟଜନଙ୍କ ଠାରୁ ଉପହାର ପାଇବେ।

ମିଥୁନ: ଚାକରୀରେ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟବସାୟ, ଯୋଗ, ଚିକିତ୍ସା, ଧାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

କର୍କଟ: କାର୍ଯ୍ୟ ସ୍ଥିତିରେ ସୁଧାର ଆସିବେ ମଧ୍ୟ ସୁସ୍ଥତା ଭଲ ରହିବ ନାହିଁ। ବ୍ୟବସାୟ ଜୀବନ ବିସ୍ତାରକାରକ ହେବ। ଚିଜିଷିସି ଭାଇଙ୍କୁ ବୁଝିବାକୁ ଯାଇଥାନ୍ତୁ। ବ୍ୟବସାୟରେ ଲାଭ ଓ ଉନ୍ନତି ପରିଲକ୍ଷିତ ହେବ।

ସିଂହ: ଗାଡ଼ିରେ ଜୀବନ ସୁଖମୟ ହେବ। ଜିଲ୍ଲି କ୍ଷେତ୍ରରେ ଆନନ୍ଦମୟ ରହିବେ। କାଳୀ ମାଙ୍କ ପୂଜା କରନ୍ତୁ। ପୁଅର ଯୋଜନା ପାଇଁ ଭାବନ୍ତୁ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

କନ୍ୟା: ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତା ପରୀକ୍ଷାରେ ଫଳପ୍ରଦ ହେବେ। ଅଧିପତ୍ୟର ମୂଡ଼ ପ୍ରୋଜେକ୍ଟରେ ସମ୍ମିଳିତ ହେବେ।

ତୁଳା: ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମାତାପିତା ଦୂର ହେବ। ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଗଣ୍ଡ ସମସ୍ୟା ଦୂର ହେବ।

ବିଛା: ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବା ଦେଖି ଦୋର୍ଘଦରତା ମାମଲା ବିଚାର ଲାଭ କରିବେ। କର୍ମ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

ଧନୁ: ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଲାଗରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ଅଧିପତ୍ୟରେ ନୂଆ ଦାୟିତ୍ୱ ତୁଲାଇବେ।

ମକର: ଦିନଟିରେ ଭାଗ୍ୟଶାଳୀ ରହିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ବାମପନ୍ଥୀ ଜୀବନ ହସବୁଷିରେ କଟିବ। ନିଜେଷ ପାଇଁ ଅନୁକୂଳ ସମୟ।

କୁମ୍ଭ: ବ୍ୟବସାୟରୁ ମନୁଷ୍ୟ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ ସମୟରେ ଦିବେ ଶୟାତ୍ର ଯୋଗ ରହିବ।

ମୀନ: କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

ଆଜିର ଇତିହାସ

- ୧୮୮୪ଖ- ଦେବେନ୍ଦ୍ରନାଥ ଟାଗୋର ବ୍ରାହ୍ମ ସମାଜରେ ଯୋଗ ଦେଲେ।
- ୧୮୯୪ଖ- ରୁଲ୍‌କାମୁ ଚାଲିଲା ଦେଶର ପ୍ରଥମ ମାଳଗାଡ଼ି।
- ୧୮୯୩ଖ- ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କ ଜନ୍ମ।
- ୧୯୦୪ଖ- ଶାନ୍ତିନିକେତନରେ ଖୋଲିଲା ବ୍ରହ୍ମଚର୍ଯ୍ୟ ଆଶ୍ରମ।
- ୧୯୭୨ଖ- ପୋଲି-ଏନ୍ ଫସ ଲୁମିଗତ ପରମାଣୁ ପରୀକ୍ଷା କଲା।

ଜାତୀୟ ଗଣିତ ଦିବସ



ଦେଶର ବିଜ୍ଞାନରେ ପରିଚୟ ଆଣିଥିବାଦାନ୍ତ ହୁଦରବାସ କରି ପ୍ରତିବର୍ଷ ଆଜିର ଦିନରୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି। ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଏହା ଜନ୍ମ ଦିବସ। ୨୦୦୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମାନମୋହନ ସିଂହ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଶ୍ରୀନିବାସ ରାମାନୁଜନଙ୍କ ୧୨୫ ତମ ଜନ୍ମଦିନ ପାଳନ କରିଥିଲେ। ଅଦରରେ ରାଜ୍ୟର ଜନ୍ମଦିନସହ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ। ବେଙ୍କଟେଶ୍ୱରାଙ୍କୁ ଜିଲ୍ଲାସ୍ତରୁ ମଣ୍ଡଳ ଜାତୀୟସ୍ତରରେ ପାଳନ କରାଯାଇ ଆସୁଅଛି। ଗଣିତର ମହତ୍ତ୍ୱ ଉଦ୍ଦେଶ୍ୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ରାମାନୁଜନ୍ ୧୮୮୭ ମସିହା ଆଜିର ଦିନରେ ତାମିଲନାଡୁର ଇରୋଡ଼ରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କଠାରୁ ଗଣିତ ପ୍ରତି ଦୁର୍ବଳତା ମିଳା। ଏମତିକି ୧୨ ବର୍ଷରୁ ବେଶ୍ ଏକାଏକ୍ସାଙ୍କର ବିଚ୍ଛେଦ ଜାଲଙ୍କ ଭାବେ ପରିଚୟ ଲାଭ କରିଥିଲେ। ତାଙ୍କର ଅସାଧାରଣ ସ୍ମରଣଶକ୍ତି ପ୍ରତିଭା ଭଲ ଗଣିତରେ ଅତିବାହିତ ହେବାରୁ। ଏଥିପାଇଁ ଅନ୍ୟାନ୍ୟ ବିଷୟରେ ସେ କମ୍ ମାର୍କ ରଖିଥିଲେ। ସେହିପରି ସେ ୧୨ ବର୍ଷ ବୟସରେ ତ୍ରିକୋଣମିତିରେ ପାରଦର୍ଶିତା ହାସଲ କରିଥିଲେ। ରାମାନୁଜନ୍ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଗଣିତଜ୍ଞ ହାର୍ଡଙ୍କ ସହ ପତ୍ରାଳାପ କରି ନାଇ ପ୍ରତିଭାର ପରିଚୟ ନେବାରୁ ତାଙ୍କ ଜୀବନ ଅନୁପ୍ରାଣିତ ମାନ୍ଦ୍ରାଜ ଏବଂ ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି ପାଇ ଅଧ୍ୟୟନର ସୁବିଧା ଦାସ୍ତର କରିପାରିଲେ। ରାମାନୁଜନ୍ ଜଙ୍ଗଲରେ ପଞ୍ଚ ବର୍ଷ ରହିଥିଲେ। ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗଣିତ ପ୍ରବନ୍ଧ। ଗଣିତ ଜଗତରେ ଏହି ଗଣିତ ପ୍ରବନ୍ଧ। ଗଣିତ ଜଗତରେ ଏହି ଗଣିତ ପ୍ରବନ୍ଧ ଗଣିତ ଜଗତରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କରିଥିଲା। ଗଣିତ ଜଗତରେ ଏପରି ଉଚ୍ଚସ୍ତରର ଅବଦାନ ପାଇଁ ସେ ମାତ୍ର ୩୩ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଟ୍ରେଜଲ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୨ ଏପ୍ରିଲ, ୧୯୨୦ରେ ମାତ୍ର ୩୩ ବର୍ଷ ବୟସରେ, ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଗଣିତ ଦିବସ ଅବସରରେ ବେଙ୍ଗଲ ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନରେ ରାଜ୍ୟସ୍ତରୀୟ ଗଣିତ ସହ ଜଡ଼ିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୁଏ। ଏଥିସହ ମହାନ ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ଏବଂ ଗଣିତ ପ୍ରତି ତାଙ୍କ ଅବଦାନ ବାବଦରେ ଆଲୋକପାତ କରାଯାଏ।

ଆଜି ଆସିଥିଲେ

ପଲ୍ଲୀକବି ନନ୍ଦକିଶୋର

ଉତ୍ତର ମାଟି, ପାଣି, ପବନରୁ ମଣେଗଢ଼ ଉତ୍ତରେ ଜନ୍ମଗ୍ରହଣ କରି ଜାତୀୟକବିତାର ରୂପ ଦେବାରେ ବେଶ୍ ଧୁରୀଣ ଥିଲେ ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତାମାନେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭାଲପାଇବା ଏବଂ ଭାଷା ସାହିତ୍ୟକୁ ଉଚ୍ଚାଭ ରଖିବାର ଅଦେଖା ପ୍ରୟାସ ଘୋଷାଇ। ଗ୍ରାମ୍ୟ ସ୍ୱାମୀତ୍ୱ ବ୍ରହ୍ମଙ୍କାର ପ୍ରସ୍ତୁତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା। ସେ ନିଜ ଜବନରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏକାଧିକ ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଜୀବନ୍ତ ଜଳିଉଠେଇଥିଲା। ଓଡ଼ିଶାର ଏହି କବିଙ୍କର ପ୍ରାକୃତିକ ଜନ୍ମଦିବସ ଅଗ୍ରହାୟଣ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ। ସେ ଓଡ଼ିଶାର ପୁରୀପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ଉପାଧିରେ କଣାଯାଇଥାନ୍ତି। ପିତାଙ୍କିନ ତାଙ୍କ ନାମ ଉଚ୍ଚାରଣ ଅନୁଭାବ ଉଚ୍ଚାରଣ ।ପ୍ରେମ ତାଙ୍କ ନାମ ଦେବକାର ନାମ ଦିଶାର ଦିନ ରଖାଯାଇଥିଲା। ସେ ଓଡ଼ିଶାର ଦଣ୍ଡକ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ଗାଁରେ ୧୮୮୬ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭଜନମାନବ ଜେନା ଓ ମାତାଙ୍କ ନାମ ଚିତ୍ରଗୁପ୍ତା ଦେବୀ ଥିଲା। ତାଙ୍କ ବାଲ୍ୟଜୀବନ ବ୍ରହ୍ମପୁରରେ ହିଁ କଟିଥିଲା। ତୁରନ୍ତୀ ବ୍ରହ୍ମପୁରରୁ ଚାରିଲା ମାଇଲ ଦୂରରେ ତାଙ୍କ ପୈତୃକ ପ୍ରତିଭାର ଅନୁରୂପ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ମାଇନର୍ ସ୍କୁଲ୍, ଲେଜେଣ୍ଟ୍ରା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଲିଜ ଜଗନ୍ନାଥ ବିଦ୍ୟାଳୟ ଓ ରେବେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ସେ ୯୬ ମସିହାରେ ଦେବେଳାଭିଳା ଦେବୀଙ୍କୁ ବିବାହ କରିଥିଲେ। ଉତ୍ତରବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଗଡ଼ଜାତ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର ଦୀର୍ଘ ବର୍ଷ ପରେ ସ୍କୁଲ ସହ ଜଡ଼ିଯେବୁଲ ଭାବେ ପରୋକ୍ଷରେ ପାଲ୍ଲୀଥିଲେ। ସେ ଚାକିରିରେ ବାଲେଶ୍ୱର ଓ ବରହାଣ ଯୋଗୁଁ ତାଙ୍କ ବେଶ ଖରାପ ହେଇଥିଲା। ଏହି କାରଣରୁ ସେ ସ୍ୱେଚ୍ଛାରେ ଅବସର ନେଇ ଲାଗିଲେ ଜଣିହାଳ ହୋଇ ଗଲା। ନିଷ୍ଠା ପାଇଁ ତାଙ୍କୁ ଗୁରୁତ୍ୱର ଜଜଙ୍କ ଆସିବାକୁ ପଡ଼ିଲା। ୧୯୩୮ ମସିହା ଜୁଲାଇ ୨ ତାରିଖରେ ସେ ଜହନାଳ ସମ୍ବୁରଣ କରିଥିଲେ। ତାଙ୍କ ବୟସ ୫୩ ବର୍ଷ। ବ୍ରହ୍ମପୁର ସ୍ୱାତ୍ରିକ ଜଣାଇ ୧୯୪୪ ମସିହାରେ ଗଂଜାମ ସହରାଞ୍ଚଳ ତାଙ୍କୁ "ଘାସ କାହାଦୁଇ" ଘାସ ଧ୍ରୁବ୍ରାନ କରିଥିଲେ। ନନ୍ଦକିଶୋର ଜଣେକ ପଡ଼ିବାଠୁଁ ପ୍ରବଳ ଲେଖକ। ଆଜଣ ଦରିଦ୍ରେ। ଦିନର ପ୍ରଥମ ପ୍ରହରରୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଥିଲେ। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୂର୍ଣ୍ଣ। ଛୋଟ ପିଲାଙ୍କ ପାଇଁ 'ନାନାବାଣ୍ଡା ଗାଡ଼' ଲେଖି ଓଡ଼ିଶାର ପୁରୁପଲ୍ଲୀରେ ପରିଚିତ ହୋଇଥିଲେ। ତାଙ୍କ ଦ୍ୱାରା ଲିଖିତ ବହୁ କବିତା ବିଦ୍ୟାଳୟ ମାନ୍ୟମୁଖରେ ଶ୍ରାବିତ ହୋଇଛି। ମଣ୍ଡା କବିଙ୍କର ସୃଷ୍ଟି ଭିତରେ 'ଚିର୍‌ରିଣୀ', 'ବସନ୍ତ ବୋଲିକ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗତି କବିତା ଖୁବ୍ ଲୋକପ୍ରିୟ। ସହଜପରିଭାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ଘାସ କାହାଦୁଇ', 'ଝିଅ ଝାଉଁଳା', 'ଶମିଷ୍ଠା', 'ଭଗଜିଶ', 'ମାଧୁଚିନ୍ତ୍ର' ଆଦି ବହୁ ପାଠକ ପ୍ରିୟ ଗ୍ରନ୍ଥ ରାଜ୍ୟ ଜମିପାରିଛି। ଦେବତ୍ର ପଲ୍ଲୀ ଜୀବନ ବହୁ ଗୋଟ ରାଜ୍ୟର ସ୍ମୃତି ନ ଥିଲା। ଯେହିତୁ ପରି ସାମାଜିକ ବ୍ୟାଧିରୁ ବିରୋଧ ଥିଲେ ସେ 'ଜନଜଳନ' ନାମରେ ଲଘୁକଥାର ରଚନା କରିଥିଲେ। ସୁଭାଷ ଚନ୍ଦ୍ରଙ୍କ ଉଙ୍ଗରେ ନିଜ ଚରମାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ।ପଲ୍ଲୀକବିଙ୍କ କବିତାର ପ୍ରତିଟି ସୃଷ୍ଟାରେ ପଲ୍ଲୀ ଜୀବନଧାରା ଜୀବନ୍ତ ଭାବେ ମରିଉଠୁଛି ଭାବେ ମରିଉଠୁଛି। ଓଡ଼ିଶା ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମାଜ ପାଇଁ ସେ ଚିରକାଳ ସୁରକ୍ଷିତ ହୋଇ ରହିବେ।

'ବାଣପୁରୀ' ପ୍ରଥମ ଜଣେ ଓଡ଼ିଆ ଚିତ୍ରକର

'ବାଣପୁରୀ', 'ଅଗ୍ରଗାମୀ ଅଗ୍ରଣୀ' ଭଳି ବହୁବିଧ ଚିତ୍ର ଦେଇଥିବା ନିର୍ଦ୍ଦଶକ ଏସ୍. ଏସ୍ ରାଜମୌଳି ଏବେ ତାଙ୍କ ଚିତ୍ର 'ବାହାଉଣୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ଆଣ୍ଠାଆଣ୍ଠାଆ' ଚିତ୍ରର 'ମାଲୁ ମାଲୁ' ଗାଉଥିବା ଓଏସାର ମିଳିବା ପରେ ରାଜମୌଳି ଏବେ ଦ୍ୱିତୀୟରେ ଜଣେ ଚିତ୍ର ନିର୍ମାଣ ପାଇଁ ଯାଇଛନ୍ତି। ମଣ୍ଡେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ମୃଣାଲ ଠାକୁର ସୁନ୍ଦରାଳଙ୍କ ଅଭିନୟ ଏହି ଚିତ୍ରକୁ ନେଇ 'ଅବତାର: ଫାୟାର ଆଣ୍ଡ ଆଶ୍' ନିର୍ଦ୍ଦେଶକ ଜେମସ୍ କାମେରୁନ୍ ଚେଷ୍ଟା ଉପସ୍ଥିତ ଅଛନ୍ତି। ଏହି ଚିତ୍ରର ପ୍ରଥମ ଗୁଜବ ଲୋକାଇ ଦିଆଯାଇଛି। ଏଥିରେ ରାଜମୌଳି ଏକ ଭଲ୍ଲ ସମ୍ମାଲୋଚନେ ପ୍ରଚାରଣା କରାଯାଇଥିଲା। ଏଥିରେ ପ୍ରାଣୀପକ୍ଷି ଓ ବଳାକ ଲୋକ ଯୋଗ ଦେଇଥିଲେ। ଏହେ ଭାଷାମାନ୍ତ ଏହି ଚିତ୍ରକୁ ପ୍ରଚାର ଲାଗରେ ଦେଖାଯାଇଥିଲା। ଏପରିକି ଏହି ଚିତ୍ରର ଶୁଟିଂ ସେହିଠୁ ମଧ୍ୟ ଆମିଲା ପାଇଁ ଆଣ୍ଡୁବା ମିଳା

ଗ୍ରହ ସହ ଅଙ୍ଗୁଳିର ସମ୍ବନ୍ଧ

ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତର ପାଞ୍ଚ ଅଙ୍ଗୁଳିର ସମ୍ବନ୍ଧ ଜୌଣସି ନା ଜୌଣସି ଗ୍ରହ ସହ ସମ୍ବନ୍ଧ ରଖନ୍ତି। ଏହାର ଶୁଭାଶୁଭ ପ୍ରଭାବ ମଧ୍ୟ ଜୀବନରେ ପଡ଼ିଥାଏ।

ତର୍ଜନୀ ଅଙ୍ଗୁଳି: ତୁଟା ଅଙ୍ଗୁଳିର ସମ୍ବନ୍ଧ ଶୁଭ୍ର ଗ୍ରହ ସହ ଥାଏ। ଶୁଭ୍ର ଗ୍ରହ ପ୍ରେମ, ସୌନ୍ଦର୍ଯ୍ୟ, ଧନ, ଐଶ୍ୱର୍ଯ୍ୟର କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଗୋଟିକ ସୁଖ ପ୍ରାପ୍ତ ହୁଏ। ଲକ୍ଷ୍ମ ଚଞ୍ଚଳଶକ୍ତି, ଆତ୍ମବିଶ୍ୱାସ ଓ ତର୍କ ଶକ୍ତି ଥାଏ।

ତର୍ଜନୀ ଅଙ୍ଗୁଳି: ତର୍ଜନୀ ଅଙ୍ଗୁଳିର ସମ୍ବନ୍ଧ ଶୁଭ୍ର ଗ୍ରହ ସହିତ ରହିଛି। ଏହି ଅଙ୍ଗୁଳି ଶୁଭ୍ର ଗୁଣ ଯୁକ୍ତ ହୋଇଥିଲେ ଲୋକେ ଧର୍ମ-କର୍ମରେ ସାମିଲ ହୁଅନ୍ତି। ଏଥିରୁ ଲୋକ ବହୁତ ବୁଦ୍ଧିମାନ ହୋଇଥାନ୍ତି।

ମଧ୍ୟମା ଅଙ୍ଗୁଳି: ମଧ୍ୟମା ଅଙ୍ଗୁଳି ଉପରେ ଶନି ଗ୍ରହର ପ୍ରଭାବ ଥାଏ। ଶୁଭ୍ର ଗୁଣ ଗଠିତ ଏହି ଅଙ୍ଗୁଳି କବିତା ଥିଲେ ବ୍ୟକ୍ତି ସଂସାରପ୍ରେମୀ ହୋଇଥାନ୍ତି। ଈଶ୍ୱରଙ୍କ ପ୍ରତି ଭକ୍ତି ରଖନ୍ତି ଥାଏ। ଏଥିରୁ ଲୋକେ ପ୍ରଗତିପ୍ରେମୀ ହୋଇଥାନ୍ତି।

ଅନାମିକା ଅଙ୍ଗୁଳି: ଅନାମିକା ଅଙ୍ଗୁଳି ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଥାଏ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ, ବ୍ୟକ୍ତି ସମାଜରେ ସମ୍ମାନ ପ୍ରାପ୍ତ କରନ୍ତି। ଏଥିରୁ ଲୋକେ ବହୁତ ମାନସିକ୍ୟ ହୋଇଥାନ୍ତି ଏବଂ ଅଧିକ ଧନ ଉପାର୍ଜନ କରନ୍ତି।

କନିଷ୍ଠା ଅଙ୍ଗୁଳି: ଏହି ଅଙ୍ଗୁଳିର ସମ୍ବନ୍ଧ ବୁଧ ଗ୍ରହ ସହିତ ରହିଛି। ବୁଧ ଗ୍ରହ ବୁଦ୍ଧି, ବାଣୀ ଓ ବ୍ୟବସାୟ କାରକ। ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଦକ୍ଷତାଲୋକେ ମଜାମାଟିଦେଖେ କରନ୍ତି। ଏଥିରୁ ରୋଗ ପ୍ରତିରୋଧ, ସାହିତ୍ୟାକାର ହୋଇଥାନ୍ତି। ବୁଦ୍ଧି ରହିତ କବିତ୍ର ଜ୍ଞାନରେ ସହଯୋଗ ଲାଭ କରନ୍ତି।

ମନ୍ଦିରରେ ପ୍ରବେଶ ପୂର୍ବରୁ ଗୋଡ଼ ଧୋଇବା ଉଚିତ ନା ଗାଧୋଇବା ଭଲ

ମନ୍ଦିର କେବଳ ପୂଜା କରିବାର ସ୍ଥାନ ନୁହେଁ, ବରଂ ଏହା ଶାନ୍ତି ଓ ସକାରାତ୍ମକ ଶକ୍ତି ପ୍ରଦାନ କରେ। ସୁଖ କଥା ଶାନ୍ତି ଜୀବନ ଲାଗି ଲୋକେ ମନ୍ଦିରରେ ପ୍ରାର୍ଥନା କରନ୍ତି। ହେଲେ ମନ୍ଦିରରୁ ଫେରି ତୁରନ୍ତ ପାଦ ଧୋଇବା କିମ୍ବା ଗାଧୋଇବା ଭଲ ନୁହେଁ।

ସାଧାରଣତଃ ମନ୍ଦିରରୁ ଫେରିବା ପରେ ଲୋକେ ଗୋଡ଼ ହାତ ଧୁଅନ୍ତି। ଏହା ଏକ ସାଧାରଣ ଅଭ୍ୟାସ। ତେବେ ଧାର୍ମିକ ଦୃଷ୍ଟିକୋଣରୁ ଏହା ଠିକ୍ ନୁହେଁ। ତେଣୁ ମନ୍ଦିରରୁ ଦୂରକୁ ଫେରିବା ପରେ ଗାଧୋଇବା ତଥା ଗୋଡ଼ ଧୋଇବା ଭଲ ନୁହେଁ। ଏହା ଦ୍ୱାରା ମନ୍ଦିରରୁ ମିଳିଥିବା ମନ୍ଦିରରେ ଏବଂ ଏକାଗ୍ରତା ପ୍ରଭାବ ପ୍ରଭାବ ହୁଏ। କିଛି ସମୟପାଇଁ ଶକ୍ତି ହ୍ରାସ ନିଜ

ଭିତରେ ଉଚିତ ପାଇଁ ଏଭଳି ନ କରିବାକୁ କୁହାଯାଉଛି। ମନ୍ଦିରରେ ପୂଜାପାଠର ପ୍ରଭାବ ସିଧା ଶରୀର ଓ ମନ ଉପରେ ପଡ଼ିଥାଏ। ମନ୍ଦିରରୁ ଯେଉଁ ଶକ୍ତି ମିଳେ, ତାହା କିଛି ସମୟ ପାଇଁ ଆମ ଆଖପାଖରେ ରହେ। ମନକୁ ଶାନ୍ତି ପ୍ରଦାନ କରେ। ତେବେ ମନ୍ଦିରରୁ ଫେରିବା ସମୟରେ ଜିଭି ସମୟ ବଳି ମାଳୁଲଙ୍କ ଧ୍ୟାନ କରିବା ଉଚିତ। ଏହାଦ୍ୱାରା ମନ ଶାନ୍ତ ହୁଏ ଏବଂ ଦିନଟି ଭଲ ଭାବେ ଦିଏଁଥାଏ। ଶାସ୍ତ୍ରରେ କୁହାଯାଇଛି ମନ୍ଦିରରୁ ଫିରା ପୂର୍ବରୁ ହାତ ଗୋଡ଼ ଧୋଇବା ଉଚିତ। ତେବେ ସେଠାରୁ ଫେରିବା ପରେ ଏକଜି କରିବା ଅନୁଚିତ। ଅନ୍ୟଥାରେ ମନ୍ଦିରରୁ ମୋଟ ଦୂରକ୍ତ ପାଣିର ବ୍ୟବହାର ନ କରିବା ଭଲ।

ରୋଷେଇ ଜିନିଷ ବାରମ୍ବାର ପଡ଼ୁଥିଲେ...

ରୋଷେଇ ଘରେ ଥିବା ଜିନିଷ ବାରମ୍ବାର ପଡ଼ିବା ବାସ୍ତୁ ଦୋଷ ଏବଂ ଗ୍ରହର ଦୁର୍ବଳ ସ୍ଥିତିର ସଙ୍କେତ ପ୍ରଦାନ କରିଥାଏ। ବାରମ୍ବାର ଏଭଳି ହେବାକୁ ଅଶୁଭ ବୋଲି କୁହାଯାଏ। ଏହାଦ୍ୱାରା ପରିବାରର ସମୃଦ୍ଧି ପ୍ରଭାବିତ ହୁଏ।

- ବାରମ୍ବାର ରୋଷେଇ ଘରେ ଭୁଲ ପଡ଼ିବା ଗ୍ରହର ଖିରି ଦୁର୍ବଳତାକୁ ଇଙ୍ଗିତ କରେ। ଏହାର ପ୍ରଭାବ, ଧନ, ସୌଭାଗ୍ୟ, ପାରିବାରିକ ଶାନ୍ତି ଉପରେ ପଡ଼େ।
- ସେହିପରି ବାରମ୍ବାର ରୋଷେଇ ଦେଖା ପଡ଼ିବା ଶନି ଗ୍ରହ ବହିର ସମ୍ପର୍କିତ ସମସ୍ୟାର ସଙ୍କେତ ଦିଏ। ଏହାର ପ୍ର

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୩ ଡିସେମ୍ବର ୨୦୨୪

ସମ୍ରାଟଙ୍କ ସମାଜବାଦ

ଆୟିନ୍ ରାଣ୍ଡଙ୍କ ଭାଷାରେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ''ସୁକ୍ତିଯୁକ୍ତ ଆତ୍ମସ୍ୱାର୍ଥ'' ବା ''ରେସନାଲ୍ ସେଲ୍‌ଫ ଇଣ୍ଟେରେଷ୍ଟ'' ଦ୍ୱାରା ପରିଚାଳିତ ହୋଇ ନିଜ ପାଇଁ ସଂପଦ ସୃଷ୍ଟି କରିବାରେ ପ୍ରବୃତ ହେଲେ ତାହାର ମିଳିତ ସୁଫଳ ସ୍ୱରୂପ ସେ ସମାଜ ବା ରାଷ୍ଟ୍ରୀ ସର୍ବାଧିକ ସଂପଦର ଅଧିକାରୀ ହୋଇଥାଏ । ସୁପ୍ରିମ୍ କୋର୍ଟଙ୍କ ରାୟ ସେଇ ଲକ୍ଷ୍ୟ ହାସଲ ପାଇଁ ପଥ ପ୍ରଶସ୍ତ କରିଛି । ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ଧନଞ୍ଜୟ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଏକ ନ'ଜଣିଆ ବେଞ୍ଚ ଦେଶରେ ସଂପତିର ଗରୋଜ ମାଲିକାନା ପୁନଃସ୍ଥାପନ କରିବା ପାଇଁ ରାୟ ଦେବା ଅବସରରେ ଅତୀତରେ ଏ ସଂପର୍କରେ ସେମାନଙ୍କର ଜଣେ ପ୍ରଖ୍ୟାତ ପୂର୍ବସୂରୀ ପ୍ରକାଶ କରିଥିବା ବହୁଚର୍ଚ୍ଚିତ ଅଭିମୁଖ୍ୟକୁ ଆଲୋଚନା ପରିସରଭୁକ୍ତ କରିବାକୁ ଓ ତାହାର ଖଣ୍ଡନ କରିବାକୁ ଉଚିତ ମନେ କରିଛନ୍ତି । ଏହି ବିଦଂସତ ନ୍ୟାୟାଧୀଶ ହେଉଛନ୍ତି ପଦୁଚିଲୁଷଣ ସମ୍ମାନ ଦ୍ୱାରା ଭୂଷିତ ଜଷ୍ଟିସ୍ ଦେବ୍ୟନାଥସୁରମ୍ ରାମ ଆୟାର୍ ଜ୍ରିଷ୍ଣା ଆୟାର ଯିଏ ୧୯୭୮ରେ ଏକ ମାମଲାରେ ନିଜର ସଂଖ୍ୟାଲଘୁ ନିର୍ଦ୍ଦେଶ ପ୍ରଦାନ କରି କହିଥିଲେ ଯେ ଗରୋଜ ମାଲିକାନାରେ ଥିବା ପାର୍ଥିବ ସମ୍ପଦମାନଙ୍କୁ ମଧ୍ୟ ରାଷ୍ଟ୍ରୀୟ ସମ୍ପଦ ରୂପେ ବିଚାର କରାଯାଇପାରିବ । ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଜଷ୍ଟିସ୍ ଆୟାରଙ୍କର ଏହି ମତାମତକୁ ଏକ ନିର୍ଦ୍ଦିଷ୍ଟ ଆଦର୍ଶଗତ ଚିନ୍ତାଧାରାର ଅଂଶ ରୂପେ ଅଭିହିତ କରି ଉଚିମଧ୍ୟରେ ଦେଶ ସେଭଳି ଚିନ୍ତାଧାରା ଠାରୁ ଦୂରେଇ ଯାଇ ବମକପ୍ରଦ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଚେତାବ ଦେଇଛନ୍ତି । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବଶ୍ୟ ଜଷ୍ଟିସ୍ ଆୟାରଙ୍କର ଏ ଯେଉଁ ଚିନ୍ତାଧାରା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ତାହାର ନାମ କାହାରିକୁ ଅଛପା ନୁହେଁ- ସମାଜବାଦ । ଜଷ୍ଟିସ୍ ଆୟାରଙ୍କ ପରି ଜଣେ ବିଚକ୍ଷଣ ନ୍ୟାୟବିତ୍ ଏହି ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସାଧାରଣତଃ କାର୍ଲ ମାର୍କସ୍‌ଙ୍କୁ ଏହି ରାଜନୈତିକ-ଅର୍ଥନୈତିକ ଚିନ୍ତାଧାରାର ଜନକ ରୂପେ ବିଚାର କରାଯାଇଥିଲେ ହେଁ, ଉଚିତ୍ୟ ସାରା ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂର କରିବା ଭଳି ଏକ ନ୍ୟାୟୋଚିତ ଆଦର୍ଶରେ ବିଶ୍ୱାସ କରୁଥିବା ଅନେକ ଦାର୍ଶନିକମାନଙ୍କ ଠାରୁ ରାଷ୍ଟ୍ର ନାୟକମାନଙ୍କ ପର୍ଯ୍ୟନ୍ତ ଏହି ମତବାଦ ଦ୍ୱାରା ଆକର୍ଷିତ ହେବା ଦେଖାଯାଇଛି । ସମାଜବାଦ ଯେ ହେଉଛି ଏକ ଅତ୍ୟନ୍ତ ମହତ୍ ଆଦର୍ଶ, ଏଥିରେ ସାମାନ୍ୟତମ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସେଇ ଉଚିତ୍ୟ ସାରା ଦେଖାଯାଇଛି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ ସର୍ବଦା ବିଫଳତା ଜିୟା ବିଫଳତାରେ ପରିସମାପ୍ତ ହୋଇଛି । ଆଧୁନିକ ସମୟର ସୋଭିଏତ୍ ରୁଷିଆରୁ ପ୍ରାଚୀନ ରୋମ୍ ପର୍ଯ୍ୟନ୍ତରେ ସମାଜବାଦର ଯେଉଁ ପରାଜୟ ଘଟିବା ଦେଖା ହୋଇଆସିଛି, ତାହା ଏକ ଆଦର୍ଶ ଭାବରେ ଏହି ମତବାଦର କୌଣସି ଦୁର୍ବଳତା ଯୋଗୁଁ ନୁହେଁ, ତାହା ହେଉଛି ମନୁଷ୍ୟ ଚରିତ୍ରର ଅନ୍ତର୍ନିହିତ ସ୍ୱାର୍ଥକେନ୍ଦ୍ରିକ ଆଭିମୁଖ୍ୟ ଓ ବିଷମ ପାରଦର୍ଶିତା ଯୋଗୁଁ । ସମାଜବାଦର ଏହି ବିଫଳତାର ଏକ ପ୍ରାଚୀନତମ ଉଦାହରଣ ରୂପେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମ୍‌ର ସମ୍ରାଟ୍ ଡାୟୋକ୍ଲିସନ୍ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କରିଥିବା ଉଦ୍ୟମ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରାଯାଇପାରେ । ନିଜର ପ୍ରଜାମାନେ ଭୋଗୁଥିବା ଦାରିଦ୍ର୍ୟ ଓ ସେଥିଯୋଗୁଁ ସେମାନେ ପ୍ରବର୍ଦ୍ଦନ କରୁଥିବା ଅସନ୍ତୋଷ ଓ ଅସ୍ଥିରତା ଦ୍ୱାରା ବିଚଳିତ ହୋଇ ସମ୍ରାଟ୍ ଡାୟୋକ୍ଲିସନ୍ ପରିସ୍ଥିତି ସମ୍ଭାଳିବା ନିମିନ୍ତ ଯେଉଁ ଆଦେଶନାମା ଜାରି କରିଥିଲେ ତାହା ଆଜିର ଯେ କେ ?ଣସି ସମାଜବାଦୀ ରାଷ୍ଟ୍ରର ଲକ୍ଷଣମାନ ବହନ କରିଥାଏ ଏବଂ ଯାହାର ଅନେକାଂଶ ସହିତ ଆମେମାନେ ମଧ୍ୟ ସୁପରିଚିତ । ଏହି ଆଦେଶନାମାରେ ସମ୍ରାଟ୍ ବଜାରରେ ନିତ୍ୟପ୍ରତ୍ରର ଦର ବୃଦ୍ଧି ଘଟାଇ ଲାଭ ଅର୍ଜନ କରିବା ଉଦ୍ଦେଶ୍ୟରେ ଯେଉଁ ଏକତାଟିଆ ବ୍ୟବସାୟୀମାନେ ସେସୁଡ଼ିକୁ ବଜାରକୁ ନ ଛାଡ଼ି ମହଜୁଦ କରି ରଖୁଥିଲେ, ସେମାନଙ୍କୁ ଧମକ ଦେବା ସହିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ଓ ସେବାମାନଙ୍କର ସର୍ବୋଚ୍ଚ ଦର ନିର୍ଦ୍ଧାରଣ କରିଥିଲେ । ସେ ମଧ୍ୟ ମଜୁରିର ନିର୍ଦ୍ଦିଷ୍ଟ ହାର ନିର୍ଦ୍ଧାରଣ କରିଥିଲେ । ଦେବାର ନାଗରିକମାନଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ସମ୍ରାଟ୍ ବିଭିନ୍ନ କର୍ମନିଯୁକ୍ତି ଯୋଜନାମାନ କାର୍ଯ୍ୟକାରୀ କରିଥିଲେ । ଅଭାବଗ୍ରସ୍ତ ଜନସାଧାରଣଙ୍କୁ ଆହାର ଯୋଗାଇବା ନିମିନ୍ତ ପ୍ରଶାସନ ମାଗଣା ଖାଦ୍ୟ ବଣ୍ଟନ ଯୋଜନାମାନ କାର୍ଯ୍ୟକାରୀ କରିଥିଲା । ସରକାର ସମସ୍ତ ଖଣି ଖାଦାନ ସହିତ ସମସ୍ତ ଶିଳ୍ପ ଅନୁଷ୍ଠାନମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରିଦେଇଥିଲେ, ଯାହା ଆଧୁନିକ ସମୟରେ ଜାତୀୟକରଣ ନାମରେ ପରିଚିତ । ଯେଉଁ କେତେକ ଶିଳ୍ପ ବ୍ୟବସାୟ ସମ୍ରାଟ୍‌ଙ୍କର ଏହି ସମାଜବାଦୀ ଅଭିଯାନ (ଏହା ପରସ୍ପର-ବିରୋଧୀ ମନେ ହୋଇ ନ ଥାଏ କି ?)ରୁ ବର୍ତ୍ତିଯାଇ ଗରୋଜ କ୍ଷେତ୍ରରେ ବ୍ୟବସାୟ କରୁଥିଲେ, ସରକାର ସେମାନଙ୍କ ଉପରେ ଯେଉଁ ଅସହନୀୟ କର ଭାର ଲଦି ଦେଇଥିଲେ, ତାହା ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । (ଯେମିତି ଜଷ୍ଟିସ୍ ଆୟାରଙ୍କ ସମୟରେ ଭାରତରେ ଆୟ କରର ସର୍ବୋଚ୍ଚ ହାର ଥିଲା ୯୭.୫ ଶତାଂଶ !) ଏହି ବିସ୍ମୟ ସମାଜବାଦୀ ବ୍ୟବସ୍ଥାର ତବାରଖ କରିବା ପାଇଁ ସମ୍ରାଟ୍ ଯେଉଁ ବିଶାଳ ଅମଲାତନ୍ତ୍ର ସୃଷ୍ଟି କଲେ ତାହା ଅବିଳମ୍ବେ ଘୋର ଦୁର୍ନୀତିପ୍ରବଣ ହୋଇ ସାଧାରଣ ନାଗରିକମାନଙ୍କୁ ଶୋଷଣ କରିବାରେ ଲାଗିଗଲା । ବ୍ୟକ୍ତିଗତ ତା ଗରୋଜ ସଂପତ୍ତି ଉପରେ ମାଲିକାନା ହରାଇ, କର ଭାରରେ ଅତିଷ୍ଠ ହୋଇ, ଅମଲାତନ୍ତ୍ର ଦ୍ୱାରା ଅତ୍ୟାଚାରିତ ହୋଇ ହଜାର ହଜାର ସଂଖ୍ୟାରେ ରୋମ୍‌ର ନାଗରିକମାନେ ସୀମା ଅତିକ୍ରମ କରି ରାଜ୍ୟ ବାହାରକୁ ପଳାୟନ କରିବାରେ ଲାଗିଲେ । ସମ୍ରାଟ୍‌ଙ୍କ ସମାଜବାଦ ଶେଷରେ ଭୁଶୁଡ଼ି ପଡ଼ିଲା ଓ ସମ୍ରାଟ୍ ସ୍ୱେଚ୍ଛାରେ ରାଜପଦ ତ୍ୟାଗ କଲେ । ଭାରତୀୟ ଅର୍ଥନୀତି ୧୯୯୦ ଦଶକରେ ତା'ର ସମାଜବାଦୀ ଅଭିଯାନରୁ ନିବୃତ ହୋଇ ଯାତ୍ରାର ଦିଗ ପରିବର୍ତ୍ତନ କରିବାରୁ ଯେ ଏଇଭଳି ଏକ ସମାଜବାଦୀ ବିପର୍ଯ୍ୟୟରୁ ରକ୍ଷା ପାଇଗଲା, ଏଥିରେ କୌଣସି ସନ୍ଦେହ ନାହିଁ । ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଭାରତୀୟ ଅର୍ଥନୀତିର ଏହି ଉଦାରୀକରଣ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଏହି ପରିବର୍ତ୍ତିତ ପରିସ୍ଥିତିରେ ସଂବିଧାନର ଧାରା ୩୯ (ବି)ରେ ଉଲ୍ଲେଖ ଥିବା ''ରାଷ୍ଟ୍ରୀୟ ପାର୍ଥିବ ସମ୍ବଳ'' ପରିସରରୁ ଗରୋଜ ମାଲିକାନାରେ ଥିବା ସଂପତ୍ତିସବୁକୁ ପ୍ରାୟ ବାଦ୍ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ କେବଳ ସର୍ବସାଧାରଣଙ୍କ ମଙ୍ଗଳକୁ ପ୍ରଭାବିତ କରୁଥିବା କେତେକ ବିଶେଷ

ଲୁହା ପଞ୍ଜୁରି

ସୁଲେଙ୍କ ପ୍ରସ୍ତାବର ସମାଲୋଚକମାନେ କିନ୍ତୁ ଯୁକ୍ତି କରିଥାନ୍ତି ଯେ ଭାରତ ଭଳି ଏକ ଜନବହୁଳ ବିକାଶଶୀଳ ଦେଶ ପାଇଁ ସଂସୋଗ ଛିନ୍ନ ଅଧିକାର ହେଉଛି ଏକ ଦୁର୍ମୂଲ୍ୟ ବିଳାସ । ଏମାନଙ୍କ ଯୁକ୍ତି ଅନୁସାରେ ଭାରତକୁ ଯେତେ ଶୀଘ୍ର ସମ୍ଭବ ଏକ ବିକଶିତ ଦେଶରେ ପରିଣତ କରିବାକୁ ହେଲେ ଭାରତୀୟମାନଙ୍କୁ କଠିନ ପରିଶ୍ରମ କରି ନିଜର ଉତ୍ପାଦନଶୀଳତାର ଉନ୍ନତିସାଧନ କରିବାକୁ ପଡ଼ିବ । ଏମାନେ କିନ୍ତୁ ଏଭଳି ଯୁକ୍ତି ମାଧ୍ୟମରେ ଭ୍ରମାତ୍ମକ ଭାବରେ ଶ୍ରମିକର ଶୋଷଣକୁ ଉତ୍ପାଦନଶୀଳତା ସହିତ ସମାନ କରି ଦେଇଥାନ୍ତି । ଗତ ସପ୍ତାହରେ 'ଏନ୍‌ସିପି' ସାଂସଦ ସୁପ୍ରିୟା ସୁଲେ ଲୋକସଭାରେ ଆଗତ କରିଥିବା ଏକ ନିର୍ବାଚାୟ ବିଧେୟକ (ପ୍ରାଇଭେଟ୍ ମେମର୍ସ ବିଲ୍) ବର୍ତ୍ତମାନ ଦେଶବ୍ୟାପୀ ଏକ ଅନ୍‌ଲାଇନ୍ ଝଡ଼ ଆରମ୍ଭ କରି ଦେଇଥିବା ଦେଖାଯାଇଛି । ସାଧାରଣତଃ ସଂସଦରେ ପ୍ରାଇଭେଟ୍ ମେମର୍ସ ବିଲ୍ କେବଳ ମାତ୍ର ଏକ ଔପଚାରିକତା ସମ୍ପନ୍ନ ହୋଇଥାଏ ଏବଂ ଏହାକୁ ସର୍ବନିମ୍ନ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ତେଣୁ ସୁପ୍ରିୟା ସୁଲେଙ୍କ ଦ୍ୱାରା ଜସପ୍ରାପିତ ବିଲ୍‌ଟି ଯୁକ୍ତି କରିଥିବା ଆଲୋଚନ ଏହାକୁ ଏକ ବିରଳ ବ୍ୟତିକ୍ରମରେ ପରିଣତ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ବିଲ୍‌ଟି ହେଉଛି ଶ୍ରୀମତୀ ସୁଲେ ୨୦୧୮ରେ ଉପସ୍ଥାପିତ କରିଥିବା ଅନୁରୂପ ଏକ ବିଲ୍‌ର ପରିବର୍ତ୍ତିତ ସଂସ୍କରଣ । ବର୍ତ୍ତମାନ ସେ ଆଗତ କରିଥିବା ବିଲ୍‌ଟିର ଶୀର୍ଷକକୁ ଏହାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥାଏ: 'ଦି ରାଇଟ୍ ଟୁ ଡିସ୍‌କନେକ୍ଟ ବିଲ୍, ୨୦୨୪' ('ଯୋଗାଯୋଗ ଛିନ୍ନ କରିବାର ଅଧିକାର ବିଧେୟକ, ୨୦୨୪')। ନିର୍ଦ୍ଧାରିତ କାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି କାର୍ଯ୍ୟ ସଂପର୍କିତ ଇମେଲ୍ ବା ଫୋନ୍ କଲ୍ ଆଦିର ଉତ୍ତର ନ ଦେବା ପାଇଁ କର୍ମଚାରୀମାନଙ୍କୁ ଆଇନଗତ ଅଧିକାର ପ୍ରଦାନ ହେଉଛି ବିଲ୍‌ଟିର ଉଦ୍ଦେଶ୍ୟ । ବିଲ୍‌ଟି ଯଦି ପାରିତ ହୋଇ ଆଇନରେ ପରିଣତ ହୁଏ, ତେବେ କାର୍ଯ୍ୟ ସମୟ ପରେ ଏଭଳି ଯୋଗାଯୋଗ ବିଚ୍ଛିନ୍ନ କରିବା ଯୋଗୁଁ ସଂପୃକ୍ତ କର୍ମଚାରୀଙ୍କୁ ବଞ୍ଚିତ କରାଯାଇ ପାରିବ ନାହିଁ । ବିଲ୍‌ଟିରେ ଯୁକ୍ତି କରାଯାଇଛି ଯେ ଏଭଳି ଅଧିକାର କର୍ମଚାରୀମାନଙ୍କର ଶାରୀରିକ ଓ ମାନସିକ କ୍ଲାନ୍ତିରେ ହ୍ରାସ ସାଧନ କରି ସେମାନଙ୍କର କାର୍ଯ୍ୟକ୍ଷମତା ଓ ଉତ୍ପାଦନଶୀଳତାରେ ଉନ୍ନତି ଘଟାଇବ । ଗତ ବର୍ଷ 'ଇଣ୍ଡିଆନ୍ କର୍ଣ୍ଣାଲ ଅଫ୍ ସାଇକିଆଟ୍ରି'ରେ ପ୍ରକାଶିତ ଏକ ଅନୁଶୀଳନ ଅନୁସାରେ ଆମ ଦେଶରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମଧ୍ୟରୁ ୬୦ ଶତାଂଶ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ସୁସ୍ଥତର ଶାରୀରିକ ଓ ମାନସିକ ଅବସନ୍ନତାର ଶିକାର ହୋଇଥାନ୍ତି । ଅନ୍ୟ ଏକ ଅନୁଶୀଳନ ଅନୁସାରେ ସଂପତ୍ତି 'ଆଲଟି' କ୍ଷେତ୍ରରେ ନିଯୁକ୍ତ କର୍ମୀମାନଙ୍କ ମଧ୍ୟରୁ ୭୨ ଶତାଂଶ ସପ୍ତାହକୁ ନିର୍ଦ୍ଧାରିତ ୪୮ ଘଣ୍ଟା ସ୍ଥାନରେ ୭୦ ଘଣ୍ଟା ଧରି କାର୍ଯ୍ୟ କରିଥାନ୍ତି । ସେତିକି କୁହେଁ, ବିଶେଷ କରି କୋଭିଡ୍ ସମୟରେ ଆରମ୍ଭ ହୋଇ ବର୍ତ୍ତମାନ 'ଘରେ ଥାଇ କାମ' ('ୱର୍କ ଫ୍ରମ୍ ହୋମ୍') ବ୍ୟବସ୍ଥା ପ୍ରାୟ ସ୍ଥାୟିତ୍ୱ ଲାଭ କରିବା ପରେ ଅଧିକାଂଶ କର୍ମୀମାନେ ବସ୍ତୁତଃ ଅହରହ ନିଜର କାର୍ଯ୍ୟ ନିୟନ୍ତ୍ରଣଙ୍କ ସହିତ ସଂଯୁକ୍ତ ଅବସ୍ଥାରେ ରହିଥିବା ଦେଖାଯାଇଥାଏ । ପୁଣି ପାରିବାରିକ ଦାୟିତ୍ୱ ବହନ ସହିତ ମିଶି ଏହା ମହିଳା କର୍ମଚାରୀମାନଙ୍କ ପାଇଁ କିଭଳି ଅସହନୀୟ ବୋଝ ସୃଷ୍ଟି କରିଥାଏ ତାହା ସହଜେ ଅନୁମେୟ । ଏକ କଂପାନିର କନିଷ୍ଠ କର୍ମଚାରୀମାନେ ଦୀର୍ଘ ସମୟ ଧରି କାର୍ଯ୍ୟରତ ରହିବା ଓ ସର୍ବଦା ଯୋଗାଯୋଗ ନିମିନ୍ତ ଉପଲବ୍ଧ ରହିବା ତାଙ୍କର କର୍ତ୍ତବ୍ୟ ପରାୟଣତା ଓ କଂପାନିର ଉନ୍ନତି ପ୍ରତି ତାଙ୍କର ପ୍ରତିବଦ୍ଧତାର ପରିଚାୟକ ରୂପେ ବିବେଚିତ ହୋଇଥାଏ । ଏହା ସେମାନଙ୍କୁ ପଦୋନ୍ନତି ଲାଭ କରି କର୍ପୋରେଟ୍ ଶିଡ଼ି ଡଡ଼ିବାରେ ସହାୟକ ହୋଇଥାଏ । ସେମାନେ ଯେତେବେଳେ କନିଷ୍ଠ ପଦ ମଞ୍ଜନ କରି ପରିଚାଳନା ଦାୟିତ୍ୱ ନିର୍ବାହ କରନ୍ତି, ସେତେବେଳେ ସେମାନେ ନିଜର ମୋଟା ବେତନର ଯଥାର୍ଥତା ସାବ୍ୟସ୍ତ କରିବା ପାଇଁ ଦ୍ୱିଗୁଣ ଉତ୍ସାହରେ କାର୍ଯ୍ୟ କରିବା ସହିତ କନିଷ୍ଠମାନଙ୍କୁ ଅନୁରୂପ ଭାବରେ ଚାପସ୍ତ୍ରସ୍ତ କରିବାରେ ଲାଗନ୍ତି । ଏହି କର୍ମସଂସ୍କୃତି କିପରି କର୍ପୋରେଟ୍ କ୍ଷେତ୍ରରେ ନିମ୍ନସ୍ତ ପ୍ରତ୍ୟେକଙ୍କର 'କାର୍ଯ୍ୟ-ଜୀବନ ସନ୍ତୁଳନ' ('ୱର୍କ-ଲାଇଫ୍ ବାଲାନ୍‌ସ') ର ଧ୍ୱଂସ ସାଧନ କରିଥାଏ, ତାହା କାହାରିକୁ ଅବିଦିତ ନୁହେଁ । ଭାରତରେ ଏହି ସମସ୍ୟା କିଭଳି ଉତ୍କଟତମ ସ୍ତର ସ୍ପର୍ଶ କଲାଣି, ତାହାର ପ୍ରମାଣ ବହନ କରିଥାଏ ଗତ ବର୍ଷ 'ଇଂଟରନେସନାଲ୍ ଲେବର୍ ଅର୍ଗାନାଇଜେସନ୍' ('ଆଇଏଲ୍ଓ') ଦ୍ୱାରା ପ୍ରକାଶିତ ଏକ ତାଲିକା, ଯେଉଁଥିରେ ଭାରତକୁ ପୃଥିବୀର ଦ୍ୱିତୀୟ ସର୍ବାଧିକ ଅତିଶ୍ରମପ୍ରବଣ (ଓଭରୱର୍କ୍) ଦେଶର ସ୍ଥାନ ପ୍ରଦାନ କରାଯାଇଛି । ଏହି ବିଷୟ ପରିବେଶକୁ ମୁକ୍ତିର ଗୋଟିଏ ଉପାୟ ହେଉଛି ସୁପ୍ରିୟା ସୁଲେ ପ୍ରସ୍ତାବ ଦେଇଥିବା ଭଳି କର୍ମଚାରୀମାନଙ୍କୁ କାର୍ଯ୍ୟ ସମୟ ବାହାରେ କାର୍ଯ୍ୟ ସଂପର୍କିତ ଯୋଗାଯୋଗ ଛିନ୍ନ କରିବା ପାଇଁ ଅଧିକାର ପ୍ରଦାନ । ତାଙ୍କର ପ୍ରସ୍ତାବ ଯେ ଅବାସ୍ତବ ନୁହେଁ, ତାହାର ପ୍ରମାଣ ସ୍ୱରୂପ ଫ୍ରାନ୍‌ସ, ଇଟାଲି, ସିଙ୍ଗାପୁର ଆଦି ଦେଶମାନଙ୍କରେ ଏଭଳିକି ଆଇନମାନ କାର୍ଯ୍ୟକାରୀ ହେବା ଆରମ୍ଭ ହେଲାଣି । ଯଦି କେବଳ ନୈତିକତା ଦୃଷ୍ଟିରୁ ବିଚାର କରାଯାଏ, ତେବେ ଯୋଗାଯୋଗ ଛିନ୍ନ କରିବାର ଅଧିକାର ମୌଳିକ ମାନବୀୟ ମର୍ଯ୍ୟାଦା ସୁରକ୍ଷା ଭଳି ବିଷୟ ଯେ ପରୋକ୍ଷେ ରୂପେ ଆବିର୍ଭୂତ ହୋଇଥାଏ । ମହାନ ଜର୍ମାନ୍ ଦାର୍ଶନିକ ଇମାନୁଏଲ୍ କାଟଙ୍କର ପ୍ରସିଦ୍ଧ ନୀତିସୂତ୍ରାବଳୀ 'କାଟିଗରିକାଲ୍ ଇମ୍ପରେଟିଭ୍'ର ଦ୍ୱିତୀୟ ସୂତ୍ର ଅନୁସାରେ ପ୍ରତ୍ୟେକ ମନୁଷ୍ୟ ଏକ ନିଃସର୍ତ୍ତ ଅନ୍ତର୍ନିହିତ ମର୍ଯ୍ୟାଦାର ଅଧିକାରୀ ହୋଇଥାଏ, କାରଣ ସେ ହେଉଛି ଏକ ବିବେକସଂପନ୍ନ (ରେସନାଲ୍) ପ୍ରାଣୀ । ତେଣୁ ଏହି ମାନବୀୟ ମର୍ଯ୍ୟାଦାକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ କୌଣସି ମନୁଷ୍ୟାଳୟ କେବଳ କୌଣସି ଏକ ଲକ୍ଷ୍ୟ ହାସଲର ସାଧନ ରୂପେ ନ ଦେଖି, ତାକୁ ଖୋଦ୍ ଏକ ଲକ୍ଷ୍ୟ ରୂପେ ଦେଖିବା ଉଚିତ ବୋଲି କାଟ୍ କହିଛନ୍ତି । କିନ୍ତୁ ଅହରହ ସଂଯୋଗ ସଂପୃକ୍ତ କର୍ମଚାରୀ ରୂପକ ମନୁଷ୍ୟାଳୟ କେବଳ ଯେ କୌଣସି ସମୟରେ ଉପଲବ୍ଧ ଏକ ସାଧନ ମାତ୍ରରେ ପରିଣତ କରିଦେଇଥାଏ । ଏହା ଦ୍ୱାରା ସଂପୃକ୍ତ କର୍ମଚାରୀଙ୍କର ବିଧିବଦ୍ଧ କାର୍ଯ୍ୟ ସମୟ ବାହାରେ ଥିବା ନିଜର ବ୍ୟକ୍ତିଗତ ସମୟ ଆଉ ନିଜର ନିୟନ୍ତ୍ରଣରେ ରହି ନ ଥାଏ, ଯାହା ବ୍ୟକ୍ତି ନିଜର ସ୍ୱାଧୀନତା ହରାଇବା ସହିତ ସମାନ ବୋଲି କହିଲେ ଭୁଲ୍ ହେବ ନାହିଁ । ସେ ଜର୍ମାନ୍ ସମାଜବିଜ୍ଞାନୀ ମାକ୍ସ ୱେବର୍ ବର୍ଣ୍ଣିତ 'ଲୌହ ପିଞ୍ଜରା' ଭିତରେ ବନ୍ଦୀ ହୋଇ ରହେ । ଏହି ଲୌହ ପିଞ୍ଜରା ହେଉଛି ଲାଭ ଅନ୍ୱେଷୀ କାର୍ଯ୍ୟର ପିଞ୍ଜରା, ଯେଉଁଠି ଉତ୍ପାଦନଶୀଳତା ଏକମାତ୍ର ଲକ୍ଷ୍ୟରେ ପରିଣତ ହୋଇଯାଇଥାଏ । ଆଜିର ଡିଜିଟାଲ ପୁଞ୍ଜିବାଦ ଅହରହ ସଂଯୋଗ ମାଧ୍ୟମରେ ଏଇ ପିଞ୍ଜରାର କାଠି ସବୁକୁ ଆହୁରି ଅଧିକ ମଜଭୁତ କରିଦେଇଛି, ଏବଂ ବନ୍ଦୀ ଭାବରେ ଅନବରତ ନିଗା ରଖିବାକୁ ସହଜ କରିଦେଇଛି । ବିତରା ବନ୍ଦୀ ପାଇଁ ଏଣ୍ଟୁ ପଳାୟନର ସମ୍ଭାବନା ଶୂନ୍ୟ ହୋଇଥାଏ । ଏକ ସମାଜର ଅଧିକାଂଶ ଉତ୍ପାଦନଶୀଳ ସଦସ୍ୟମାନେ ଯେତେବେଳେ ଏହି ଲୌହ ପିଞ୍ଜରାରେ ବନ୍ଦ ହୋଇ ରହନ୍ତି, ସେତେବେଳେ ସେ ସମାଜ ଯେଉଁ ବିପଦର ସମ୍ମୁଖୀନ ହୋଇଥାଏ, ସେ ସମ୍ବନ୍ଧରେ ଏକ ବିରଳ ଦୂରଦୃଷ୍ଟିର ପରିଚୟ ଦେଇ ଚେତାବ ଦେଇଥିଲେ ଆଉ ଜଣେ ଜର୍ମାନ୍ ଦାର୍ଶନିକ। ହାନା ଆରେଣ୍ଟ । ବିଂଶ ଶତାବ୍ଦୀରେ ପ୍ରସିଦ୍ଧି ଲାଭ କରିଥିବା ଆରେଣ୍ଟ ସତର୍କ କରିଦେଇଥିଲେ ଯେ ଏକ ଅତ୍ୟଧିକ ଶ୍ରମନିଷ୍ଠ ସମାଜ ତା'ର ବିଚାର ଶକ୍ତି, ଚିନ୍ତା ଶକ୍ତି ହରାଇ ବସିଥାଏ । ଯେଉଁମାନେ ଅନବରତ କାର୍ଯ୍ୟ କରୁଥାନ୍ତି କିମ୍ବା କାର୍ଯ୍ୟ ପାଇଁ ଅପେକ୍ଷା କରୁଥାନ୍ତି, ସେଇ ଲୌହ ପିଞ୍ଜରାର ବନ୍ଦୀମାନେ ଅନ୍ୟ କୌଣସି ବୃହତର ଚିନ୍ତନ ବା ଆଲୋଚନାରେ ଅଂଶଗ୍ରହଣ କରିପାରି ନଥାନ୍ତି, ଯାହା ଗଣତନ୍ତ୍ରକୁ ଦୁର୍ବଳ କରିଥାଏ । ସୁଲେଙ୍କ ପ୍ରସ୍ତାବର ସମାଲୋଚକମାନେ କିନ୍ତୁ ଯୁକ୍ତି କରିଥାନ୍ତି ଯେ ଭାରତ ଭଳି ଏକ ଜନବହୁଳ ବିକାଶଶୀଳ ଦେଶ ପାଇଁ ସଂଯୋଗ ଛିନ୍ନ ଅଧିକାର ହେଉଛି ଏକ ଦୁର୍ମୂଲ୍ୟ ବିଳାସ । ଏମାନଙ୍କ ଯୁକ୍ତି ଅନୁସାରେ ଭାରତକୁ ଯେତେ ଶୀଘ୍ର ସମ୍ଭବ ଏକ ବିକଶିତ ଦେଶରେ ପରିଣତ କରିବାକୁ ହେଲେ ଭାରତୀୟମାନଙ୍କୁ କଠିନ ପରିଶ୍ରମ କରି ନିଜର ଉତ୍ପାଦନଶୀଳତାର ଉତରୋତର ବୃଦ୍ଧି ଘଟାଇବାକୁ ପଡ଼ିବ । ଏମାନେ କିନ୍ତୁ ଏଭଳି ଯୁକ୍ତି ମାଧ୍ୟମରେ ଭ୍ରମାତ୍ମକ ଭାବରେ ଶ୍ରମିକର ଶୋଷଣକୁ ଉତ୍ପାଦନଶୀଳତା ସହିତ ସମାନ କରି ଦେଇଥାନ୍ତି । 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ('

ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ଆରମ୍ଭ

ସମ୍ବଲପୁର,୨୨/୧୨(ନି/ପ୍ର): ପଶ୍ଚିମ ଓଡ଼ିଶା ସମ୍ବଲପୁରର ପ୍ରତିଷ୍ଠିତ ସାମାଜିକ ସାଂସ୍କୃତିକ ସଂଗଠନ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ତିନିଦିନିଆ ୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍ ରବିବାର ଉଦଘାଟିତ ହୋଇଯାଇଛି । ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ର ମହାମିଳନ ଭାବରେ ଆରମ୍ଭ ହୋଇଥିବା ବେଳେ ସମ୍ମିଳନୀ କୁ ବିଧିବଦ୍ଧ ଭାବେ ପଦ୍ମଶ୍ରୀ ହଲଧର ନାଗ ଉଦଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଲଧର ନାଗ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମଂଚକୁ ଫୀତାର ମୋହନ ପଟ୍ଟନାୟକ ସମ୍ବଲପୁରୀ ମଚାନ ଭାବେ ଘୋଷଣା କରିଥିଲେ । ଏହି ଅବସରରେ ହେରା ପରିସରରେ ସମ୍ବଲପୁରୀ ହାଟକୁ ଅତିଥି ମାନେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ କୁ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶଙ୍କର ଭୋଇ ସଂଯୋଜନା କରିଥିଲେ । ସମ୍ବଲପୁରୀ ସମ୍ମିଳନୀ ର ପ୍ରଥମ ଅଧିବେଶନ ଆଲୋଚନା ଚକ୍ର ରେ ସମ୍ବଲପୁରୀ ର ଅସ୍ମିତା ଭାଷଲ୍ ଆଏକ୍ ଆର ଜାଏଲ୍ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଡ଼ ଅଶୋକ କୁମାର ଦାଶ ସଭାପତିତ୍ୱ କରିଥିଲେ । ଏଥିରେ ଆଲୋଚକ ଭାବେ ଯୋଗଦେଇ ଭାଷା ସଂସ୍କୃତି ଗବେଷକ ମୁକ୍ତକଣ୍ଠ ପ୍ରଧାନ, ଉତ୍ପଳ କୁମାର ଭୋଇ, ଡ଼ ପିତାମ୍ବର ବେହେରା ଏବଂ ଡ଼ ସୁକୁମାର ଭୋଇ ସମ୍ବଲପୁରୀ ଭାଷାର ଅସ୍ମିତା ଉପରେ ଆଲୋଚନା କରିଥିଲେ । ଆଲୋଚନା ଚକ୍ର ରେ ମୁକ୍ତକଣ୍ଠ ପ୍ରଧାନ ଜୀବନ ଜୀବିକା ସୁରକ୍ଷିତ ନ ରହିଲେ ଭାଷା ଅସ୍ମିତା ମଧ୍ୟ ସୁରକ୍ଷିତ ନୁହେଁ ବୋଲି ମତ ଦେଇଥିଲେ । ସେହିପରି ଆଲୋଚକ ଉତ୍ପଳ ଭୋଇ ନିରନ୍ତର ସଂଘର୍ଷ ଜଳରେ ସମ୍ବଲପୁରୀ ଭାଷା ର ସାମ୍ବିଧାନିକ ସ୍ୱିକୃତି ସମ୍ଭବ ନୁହେଁ ବୋଲି କହିଥିଲେ । ଡ଼ ପିତାମ୍ବର ବେହେରା ସମ୍ବଲପୁରୀ ଭାଷା ଏବଂ ଓଡ଼ିଆ ଭାଷା ମଧ୍ୟରେ ରହିଥିବା ଲିନ୍ଦୁର ଉପରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଡଃ ସୁକୁମାର ଭୋଇ ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ସାମୁହିକ ସଂଗ୍ରାମ ପାଇଁ ଆହ୍ୱାନ କରିଥିଲେ । ସଭାପତି ଡ଼ ଦାଶ ସମ୍ବଲପୁରୀ ଭାଷାରେ ବହୁ ବର୍ଷ ପୂର୍ବରୁ ରୂପତତ୍ତ୍ୱ, ଶବ୍ଦର ଗଠନ ରେ ରହିଥିବା ସ୍ୱତନ୍ତ୍ରତା ଉପରେ ପ୍ରମାଣ ଉପସ୍ଥାପନ କରାଯାଇଛି । ବର୍ତମାନ ଏହାକୁ ସରକାର ସ୍ୱିକୃତି ଦେବାର ସମୟ ଆସିଛି ବୋଲି କହିଥିଲେ । ଏହି ଅଧିବେଶନକୁ ମଂଚର ଭାଷା ସାହିତ୍ୟ ସଂଯୋଜକ ଡ ସ୍ୱୟଂପ୍ରକାଶ ପଣ୍ଡା ସଂଯୋଜନା କରିଥିଲେ । ଅପରାହ୍ନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଏଲ ଏନ୍ ପୁଜାରୀ ଏବଂ କୁଳଦୀପ ବର୍ମା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହାକୁ ରାହୁଲ ଗୁପ୍ତା, ପ୍ରଥମ ପଣ୍ଡା, ପ୍ରେମ ସାହାଣୀ ସଂଯୋଜନା କରିଥିଲେ । ସନ୍ଧ୍ୟା ରେ ରଙ୍ଗାରଙ୍ଗ ସାଂସ୍କୃତିକ ଜାର ?୪ୟକ୍ରମ ଆୟୋଜିତ ହୋଇଥିଲା । ଏହାକୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ସମଲେଶ୍ୱରୀ ଟ୍ରଷ୍ଟ ର ସଭାପତି ସଂଜୟ ବାବୁ ଏବଂ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଫୁଲ୍ଲ ହୋତା ଅତିଥି ଭାବେ ଯୋଗଦେଇ ଥିଲେ । ଏଥିରେ ବସୁନ୍ଧରା କମୁନିଟୀ ସେଣ୍ଟର, ଜାଗୃତି ଚେତ୍ନ ଅନୁଷ୍ଠାନ, ଫେସ୍ ଟୁ ଫେସ୍,ଉଡାନ,ଅସିସିଅସ ଚେତ୍ନ ଏକାଡେମୀ,ସୁଜାତା କ୍ରିଏସନ ଭଜନୀ କଳା ପରିଷଦ, ସାନିକା ଚେତ୍ନ ଏକାଡେମୀ ,ପାଏଲ ଗ୍ରୁପ, ସରସ୍ୱତୀ ଶିଶୁ ମନ୍ଦିର ସିଦ୍ଧେଶ୍ୱରୀ ବର୍ଣ୍ଣୀ, ସମ୍ବଲପୁରୀ ମିକ୍ସ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ସାହୁ ଏବଂ ସୁଗ୍ରୀୟା ରାଉତ ଉପସ୍ଥାପନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦଶରଥ ମେହେର, ରାଜେଶ୍ ସ୍ୱାଇଁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଜାନିଛି ଜାୟେ ଜଲିଆରେ ଦର୍ଶକ ମାନଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା । ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଆୟୋଜନରେ ପଶ୍ଚିମାଂଚଳ ଏକତା ମଂଚର ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ ।

ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପନ୍ନ

ସମ୍ବଲପୁର,୨୨/୧୨(ନି/ପ୍ର): ଜିଲ୍ଲାର ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକଙ୍କ ପାଂଚଦିବସୀୟ ନେତୃତ୍ୱ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସମ୍ବଳ 'ସ୍ଥାନୀୟ ଧନଜଉଡା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେଇଯାଇଛି । ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଜନୁଟିରେ ପ୍ରଧାନ ଶିକ୍ଷକଙ୍କ ମୁଖ୍ୟ ଭୂମିକା ଥିବାରୁ ସମ୍ବଳ ନେତୃତ୍ୱର ବିକାଶରେ ପ୍ରଶିକ୍ଷଣ ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସାଧାନ ପ୍ରଶିକ୍ଷକ ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ମାନେଶ୍ୱର ବୁଜର ଗୋଷ୍ଠୀ ଅଧିକାରୀ ଲୋକିତା ଦାଶ, ଧନ ଜଉଡା ବୁଜର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜରଣ ଶର୍ମା,ରେଡାଖୋଲ ହାଇସ୍କୁଲର ପ୍ରଧାନଶିକ୍ଷକ ବେଣୁଧର ବରିହା,ବଜାରଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦ୍ୱାପାଳୀ ଚୌଧୁରୀ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମାନେଶ୍ୱର, ରେଙ୍ଗାଲି ଓ ଧନଜଉଡା ବୁଜର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏଥିରେ ଅନତିରିକ୍ତ ଶିକ୍ଷା, ବିଦ୍ୟାଳୟରେ ସୁରକ୍ଷିତ ବାତାବରଣ, ଡିଜିଟାଲ ଶିକ୍ଷା, ବିପର୍ଯ୍ୟୟ ପରିଚାଳନା,ଶିକ୍ଷଣ କୌଶଳ ତଥା ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ଶିକ୍ଷାଦାନ କରାଯାଇଥିଲା । ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ପ୍ରଶିକ୍ଷାର୍ଥୀ ପ୍ରଧାନ ଶିକ୍ଷକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ବନବାସ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

ଓପିଜିସିର ସୁନାରି ଶିବିରରେ ୨୮୨ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା

ସମ୍ବଲପୁର,୨୨/୧୨(ନି/ପ୍ର): ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି), ଇବ ଥର୍ମାଲ ପକ୍ଷରୁ ଲଖମପୁର ବ୍ଲକ ସୁନାରୀ ଫଂଚାୟତ କାର୍ଯ୍ୟାଳୟଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସ୍ଥାନୀୟ ସରପଂଚ ନନ୍ଦିନୀ ସାହୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଇଏ ଥର୍ମାଲ । ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଂଗୀତା ପଣ୍ଡା, ଡାକ୍ତର ଶଶୀଭୂଷଣ ଗୋୟଲ, ଡାକ୍ତର ଅଳିକ କୁମାର ଆଚା ଆଚାର୍ଯ୍ୟ, ଭେଷଜ ବିଶେଷଜ୍ଞ ଡ଼ା. ବଳରାମ ଖମାରି । ଯୋଗଦେଇ ୨୮୨ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବାସହ ଔଷଧ ବଣ୍ଟନ କରିଥିବା କରିଥିଲେ । ଶିବିରରେ ବିଏସଆର ବିଭାଗର ମୁଖ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ, ଚାପସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଇଏ ଥର୍ମାଲ ଚିକିତ୍ସାଳୟର ସଂଯୁକ୍ତା ମହାନନ୍ଦ, ବୃଷ୍ଟିମୟୀ ପଟ୍ଟେଲ, ସୁହେଲତା ଚଳନ, ରତୀ କୁମାର ପ୍ରଧାନ, ସ୍ନେହାଶିଷ ବେହେରା, ପ୍ରଭାତ ବାରିକ, ଅଭିମନ୍ୟୁ ଭୋଇ, ପ୍ରବୀଣ ପଧାନ, କର୍ଣ୍ଣ ବାଗ, କୃଷ୍ଣବିହାରୀ ବେହେରା ଶିବିର ପରିଚାଳନା କରିଥିଲେ ।

୧ କୁଇଟାଂଲରୁ ଅଧିକ ଗୋମାଂସ ଜବତ, ୨ ଗିରଫ

ବୁର୍ଲା,୨୨/୧୨(ନି/ପ୍ର): ବୁର୍ଲା ସହରରେ ବାର୍ଷି ଦିନରୁ ଚାଲି ଆସୁଥିବା ବେଆଇନ ଗୋମାଂସ କାରବାରର ପର୍ଯ୍ୟାପ୍ତ ହୋଇଛି । ଏଥିରେ ସମ୍ପୃକ୍ତ ବୁଲ ଅଭିଯୁକ୍ତଙ୍କୁ ଧରି ରବିବାର ପୁଲିସ ଜିମା ଦେଇଛନ୍ତି ଗୋସୁରକ୍ଷା କର୍ମୀ । ଏହାକୁ ନେଇ ବଜରଙ୍ଗ ଦଳ ଏବଂ ସେବାକୁଞ୍ଜର ସ୍ୱରୂପ ବରାଜ, ଶିବ ସାଗର ନାଗ, ସିଦ୍ଧାର୍ଥ ସାରଦା, ବଜରଙ୍ଗଦଳର ହନିଖୁଜ ଶାହା, ବିଜାଶ ବେହେରା, ବିଶ୍ୱ ହିନ୍ଦୁ ପରିଷଦର ମଟୁ ସାହୁ, ରୂପକ ପ୍ରଧାନ ପ୍ରମୁଖ ଗୋସୁରକ୍ଷା କର୍ମୀଙ୍କ ଏତଲା କ୍ରମେ ବୁର୍ଲା ଥାନାରେ କେସ୍ ନମ୍ବର ୫୮୨ରେ ଏକ ମାମଲା ରୁଜୁ କରି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ବୁର୍ଲା ଥାନା ଅନ୍ତର୍ଗତ ମହାବୀରନଗର ବିରାଜ ହର(୪୦) ଓ ତାଙ୍କ ସହଯୋଗୀ ବିଥପଡ଼ାର ପୁରୋହିତ ଲୁହା(୩୬) । ସେମାନଙ୍କ ନିକଟରୁ ପାଖାପାଖି ୧ କୁଇ[ାଲରୁ ଅଧିକ ଗୋମାଂସ ଜବତ ହୋଇଛି । ଏପରିକି ପୁଲିସ ପ୍ରଶାସନର ନାକ ତଳେ ଏପରି କାରବାର ଚାଲି ଆସୁଥିବା ସତ୍ତ୍ୱେ ପୁଲିସ କିପରି ଅବଗତ ନଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି । ଗୋସୁରକ୍ଷା କର୍ମୀମାନେ ଉକ୍ତ ଅଭିଯୁକ୍ତଙ୍କୁ ଚଲାଣ ଚଲାଇ ଥାନାକୁ ନେଇଥିଲେ ଗୋସୁରକ୍ଷା ଦଳ । ଉକ୍ତଯୁକ୍ତ ରବିବାର ପୁଲିସ କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁସାରେ, ବୁର୍ଲାରେ ବ୍ୟପାକ ଭାବେ ବେଆଇନ ଗୋମାଂସ କାରବାର ଚାଲିଥିବା ନେଇ ସୂଚନା ରହିଥିଲା । ଏହାକୁ ନେଇ ବୁର୍ଲାର ବିଭିନ୍ନ ହିନ୍ଦୁ ସଙ୍ଗଠନର ଗୋସୁରକ୍ଷା କର୍ମୀମାନେ ସକ୍ରୀୟ ରହିଥିଲେ । ରବିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେବାକୁଞ୍ଜ, ବଜରଙ୍ଗଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତାମାନେ ସ୍ଥାନୀୟ ଲୋକଙ୍କ ସହିତ ମହାବୀର ନଗରରେ ବୁଲନ୍ତି ସରକାରୀ ଜାର୍ତସ୍ତି ଜବରଦଖଲ କରି ରହୁଥିବା ଅଭିଯୁକ୍ତ ବୃଷଙ୍କ ଘରେ ଅତର୍କିତ ଚଢ଼ାଉ କରି ଗୋମାଂସ ଜବତ କରିଥିଲେ । ଏପରିକି ଘରର ଫ୍ରିଜ ଫ୍ରିଜରରେ ଏବଂ ବୁଲନ୍ତି ବ୍ୟାପାରରେ ବିକ୍ରି ପାଇଁ ମଧ୍ୟ ଛୋଟ ଛୋଟ ସାଇଜରେ ମାଂସ କଟାଯାଇ ପଲିଥିନରେ ବନ୍ଧାଯାଇଥିବା ଗୋମାଂସକୁ ଜବତ କରିଥିଲେ । ଏପରିକି ଓଜନ କରିବା ପାଇଁ ମେସିନ, କଟିବା ପାଇଁ ଫାର୍ସା, କତୁରୀ, ଚାପଡ ସହିତ ଅନ୍ୟାନ୍ୟ ଅସ୍ତ୍ର ଜବତ କରିଥିଲେ । ଅଭିଯୁକ୍ତଙ୍କୁ ଉକମ ସ୍ଥାନୀୟ ଲୋକଙ୍କ ସହିତ ମହାବୀର ମଧ୍ୟମ ଦେବା ପରେ ସେମାନେ ଉକ୍ତ ଗୋମାଂସ ମୋଟିରେଣ ଅଟଂଚଳ ଫାଗୁପାଡୁଆଶୁପ୍ରଦା ସ୍ୱାଳାର କରିଥିଲେ । ଏପରିକି ଜେଲିଜେଲିଭରି ପାଇଁଚାଲିଲା ଲେଖା ରହିଥିବା ମଧ୍ୟ ମିଳିଥିବା ସୂଚନା ହସ୍ତଗତ ହୋଇଛି । ଗୋମାଂସକୁ ଅନ୍ୟ ମାଂସ ସହିତ ମିଶାଇ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ଖବର ପାଇ ପୁଲିସ ସେଠାରେ ପହଂଚି ଉଭୟ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣିଥିଲା । ଅପରପକ୍ଷରେ ଅଭିଯୁକ୍ତ ଜଣକ ମୋଟିଷ୍ଟଗଣଗୁଗୋମାଂସ ଆଣିଚାଠାରେ ବିକ୍ରୟ କରୁଥିଲେ ବୋଲି ସ୍ୱୀକାର କରିଥିବା ଭାରଗାଲ ହୋଇଥିବା ଏକ ଭିଡ଼ିଓରେ ଦେଖିବାକୁ ମିଳିଛି ।

ପଦ୍ମପୁର ଉପଖଣ୍ଡରେ ଧାନ କିଣା ବାଟବଣା

ପଦ୍ମପୁର,୨୨/୧୨(ନି/ପ୍ର): ସରକାର ଶନିବାର ସୁଦ୍ଧା ୭ ଜିଲାରୁ ୫କଲ୍ଷ ଟନ୍ ଧାନ କିଣି ସାରିଥିବା କହୁଛନ୍ତି; କିନ୍ତୁ ଅଧିକାଂଶ ସ୍ଥାନରେ ଧାନ କିଣାକୁ ନେଇ ସମସ୍ୟା ଦୂର ହୋଇପାରି ନଥିବାରୁ ଏହି ତଥ୍ୟକୁ ନେଇ ଚାଷୀ ସନ୍ଦେହ ପ୍ରକଟ କରୁଛନ୍ତି । ଚୋକନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ ବିକ୍ରି ହୋଇନପାରି ମଣ୍ଡି, ଖଳା ଓ ରାସ୍ତା କଡ଼ରେ ଖୋଲା ଆକାଶ ତଳେ ହଜାର ହଜାର ଟନ୍ ଧାନ ଜମା ହୋଇରହିଛି । ଚାଷୀ ଧାନ ବିକ୍ରି ପାଇଁ ଆନ୍ଦୋଳନ କରୁଛନ୍ତି । ବରଗଡ଼ ଜିଲାରେ ଧାନ ବିକ୍ରି ସମସ୍ୟା ଉଦ୍‌ଭବ ରହିଛି । ଏପରି ସୁଲେ ଜିଲାର କେବଳ ପଦ୍ମପୁର ଉପଖଣ୍ଡରେ ପ୍ରାୟ ୬.୫୫ କଲ୍ଷ ବସ୍ତା ଧାନ ବିକ୍ରି ପାଇଁ ଜମା ହୋଇ ରହିଥିବା ଜଣାପଡ଼ିଛି । ପଦ୍ମପୁର ଉପଖଣ୍ଡର ୯୨ ମଣ୍ଡିରେ ଶନିବାର ସୁଦ୍ଧା ୬କଲ୍ଷ ୫୪ହଜାର ୮୪୯ ବସ୍ତା (ପ୍ୟାକେଟ) ଧାନ ପଡ଼ି ରହିଛି । ଉପାନ୍ତ ଅଂଚଳ ପାଇକମାଳ ବୁଜର ଧାରୋଲ ମଣ୍ଡି ସମେତ ଲଖମରା ମଣ୍ଡି, ବୁଢୁରାମୁଣ୍ଡା, ଝିଟିକି ଲଖମରା ମଣ୍ଡିରେ ହଜାର ହଜାର ବସ୍ତା ଧାନ ଗଦା ହୋଇରହିଛି । ମିଲର୍ସ ଠିକ୍ ଭାବେ ଏହି ଅଂଚଳର ମଣ୍ଡିରୁ ଧାନ ଉଠାଇ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ଏପର୍ଯ୍ୟନ୍ତ ୯୨ଟି ମଣ୍ଡିରେ ୮୮୫ ଚାଷୀଙ୍କ ୩ଲକ୍ଷ ୯୪ ହଜାର ୭୯୯ ବସ୍ତା ଧାନ ବିକ୍ରି ହୋଇଥିବା ନିମନ୍ତିତ ବଜାର କମିଟି ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି । ସେହିପରି ଏ ପର୍ଯ୍ୟନ୍ତ ଅଧିକାଂଶ ଚାଷୀଙ୍କ ଟୋକନ ଆସି ନଥିବା ରାଜବୋଡ଼ାସମ୍ବର କୃଷକ ସଂଗଠନର ଆଇନ ପରାମର୍ଶଦାତା ଅଳିକ ଶତପଥୀ କହିଛନ୍ତି । ଚାଷୀମାନେ ଟୋକନ ସମ୍ପର୍କରେ ବୁଝିବା ପାଇଁ ବାରମ୍ବାର ପ୍ରାଥମିକ କୃଷି ସମବାୟ ଜେନ୍ଦୁକୁ ଦୌଡୁଛନ୍ତି; ମାତ୍ର ଏ ସଂପର୍କରେ ସେମାନଙ୍କ ପାଖରେ ତଥ୍ୟ ନଥିବା ଉତ୍ତର ମିଳୁଛି । ସରକାରଙ୍କ କୃଷି ସହାୟକ ପୋର୍ଟାଲର ହେଲ୍ପ ଲାଇନ ନମ୍ବର-୧୯୬୭କୁ କଲ୍ ? କଲେ ମଧ୍ୟ ତଥ୍ୟ ମିଳୁନାହିଁ । ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୨୫ ଦିନ ବିତିଗଲାଣି; ମାତ୍ର ଅଧିକାଂଶ ଚାଷୀଙ୍କ ପାଖରେ ଟୋକନ ପହଂଚି ପାରିନାହିଁ । ଯେଉଁ ବି ଚାଷୀଙ୍କ ପାଖକୁ ଟୋକନ ପହଂଚିଛି, ସେଥିରେ ଧାନ ବିକ୍ରି ପରିମାଣ ଜମାଲ ଦିଆଯାଇଥିବାରୁ ଉତ୍ପାଦିତ ସବୁ ଧାନ ବିକିବା ସମ୍ଭବ ହେଉନାହିଁ । ପୁନଶ୍ଚ ଧାନ ମଣ୍ଡିକୁ ନେବାର ସମୟ ଜାନୁଆରୀରୁ ଧାର୍ଯ୍ୟ କରାଯାଇଛି । ସେଥିଯୋଗୁଁ ଚାଷୀ ଅମଳ ଧାନକୁ ରାସ୍ତା ଓ ଖଳାରେ ପଚାଇ ରଖୁଛନ୍ତି; ଆଉ ଶୀତ ଜାଳରରେ ଏହାକୁ ଜଗି ବସିଛନ୍ତି । ପ୍ରଶାସନ ପକ୍ଷରୁ ସମସ୍ତ ଚାଷୀଙ୍କୁ ତିସେମ୍ବର ୨୦ ସୁଦ୍ଧା ଟୋକନ ମିଳିଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା; ମାତ୍ର ଏହି ପ୍ରତିଶ୍ରୁତି ମିଥ୍ୟା ପ୍ରମାଣିତ ହୋଇଛି ।

ବଳଦେବ ସେନା ପକ୍ଷରୁ ଷଷ୍ଠ ବାର୍ଷିକ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୨୨/୧୨(ନି/ପ୍ର): ବଳଦେବ ସେନାର ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ରକ୍ତଦାନ ଶିବିର ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ଯାତ୍ରୀ ନିବାସ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ମାନବିକ କାର୍ଯ୍ୟକ୍ରମରେ ସେନାର ସଦସ୍ୟମାନଙ୍କ ସହିତ ସ୍ଥାନୀୟ ଅଂଚଳବାସୀଙ୍କ ଉତ୍ସାହଜନକ ସହଭାଗିତା ପ୍ରକାଶ ପାଇଥିଲା ।କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ରର ଅଧିକାରୀ ଶ୍ରୀ ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ଆଗାମୀ ଦିନରେ ଗୁରୁତର ରୋଗୀମାନଙ୍କ ଜୀବନରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ ବୋଲି ଆଶା କରାଯାଇଛି । ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମର ସ୍ୱାମୀ ବିଦ୍ୟାସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ, ବେଦୋତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀସୁଭ୍ର ବଳଭଦ୍ର ପତ୍ରୀ, ନାରାୟଣ ଜଳ, ସନ୍ତୋଷ ପଣ୍ଡା, ମନୋରଞ୍ଜନ ବେହେରା ଓ ପ୍ରତାପ ଚନ୍ଦ୍ର ଦାସ ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ । ସମସ୍ତ ଅତିଥି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ବଳଦେବ ସେନାର ଏହି ମହତ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଶିବିରର ସଫଳ ସୁପରିଚାଳନାରେ ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେହାପ, ଜମାକାନ୍ତ ବଳ ଓ ବଳରାଙ୍କ ବଳର ଜିଲ୍ଲା ସଂଯୋଜକ ସୁଭାଶୁଣ୍ଡ ଶେଖର ରାଉତ ଓ ସେନାର ଅନ୍ୟ ସଦସ୍ୟ ଗଣ ହିମାଂଶୁ ବେହେରା, ଆଶୁତୋଷ ପଣ୍ଡା, ପଦୁଲୋଚନ ସାହୁ, ନୀଳମାଧବ ବେହେରା, ଉମେଶ ବେହେରା, ଉମାକାନ୍ତ ବେହେରା, ଅନିଶ ସୁତାର, ଚନ୍ଦନ ସ୍ୱାଇଁ, ସୁତୁଜିତ୍ ପ୍ରଧାନ, ପ୍ରକାଶ ଗୋଚ୍ଛାୟତ, ସୁଶିଲ ରାଉ

ବଡଦିନ ପୂର୍ବରୁ ବଜାରରେ ସାଜସଜ୍ଜା ସାମଗ୍ରୀ କିଣିବା ପାଇଁ ଭିଡ



ରାଉରକେଲା,୨୨/୧୨(ନି/ପ୍ର):ଆଉ ଦୁଇଦିନ ରହିଲା ଖ୍ରୀଷ୍ଟମାସ ବା ବଡଦିନ। ବଜାରର ଖ୍ରୀଷ୍ଟମାସ ସାମଗ୍ରୀ ସଜାଯାଇଥିବା ଦୋକାନଗୁଡ଼ିକରେ ଭିଡ଼ ଦେଖିବାକୁ ମିଳୁଛି। ଖ୍ରୀଷ୍ଟମାସ ଏବଂ ବଡ଼ଦିନ ପାଇଁ ରାଉରକେଲା ସହରର ସାଜସଜ୍ଜା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଆଉ ୨ ଦିନ ପରେ, ଚର୍ଚ୍ଚଗୁଡ଼ିକରେ ବଡ଼ ଆଡମ୍ବରରେ ଖ୍ରୀଷ୍ଟମାସ ପର୍ବ ପାଳନ କରାଯିବ। ଯାହା ପାଇଁ ରାଉରକେଲା ଇଷ୍ଟାପାଣି ଚର୍ଚ୍ଚ ସମେତ ଅନ୍ୟାନ୍ୟ ଚର୍ଚ୍ଚରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଅନ୍ୟପକ୍ଷରେ, ରେଲୱେ କଲୋନୀ, ସିଭିଲ୍ ଟାଉନସିପ୍, ହମିରପୁର, ଲୁଆଁଗୁମ୍ଭା, ବୀରମିତ୍ରପୁର, ରାଜଗାଙ୍ଗପୁର ସମେତ ଅନ୍ୟାନ୍ୟ ସ୍ଥାନର ଚର୍ଚ୍ଚଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଉରକେଲା ଇଷ୍ଟାପ ସହର ସମେତ ବଜାରରେ ରଙ୍ଗୀନ ଆଲୋକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ସହିତ ସଜାଯାଇଥିବା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି, ସାଟାଁ କ୍ଲଜ୍, ଖ୍ରୀଷ୍ଟମାସ ଟ୍ରୀ, ତାରା ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ କିଣାଯାଉଛି। ଖ୍ରୀଷ୍ଟମାସ ଯୋଗୁଁ ରାଉରକେଲା ସହରର ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଛେଛ ଡିଏସ୍ଏସ୍ ମାର୍କେଟ, ପାନପୋଷ ମାର୍କେଟ, ତରକେରା, ଦେଓଗାଁ ମାର୍କେଟ, ବେଦବ୍ୟାସ ମାର୍କେଟ, ଆମବାଗାନ ମାର୍କେଟ, ଲକ୍ଷ୍ମୀ ମାର୍କେଟ, ସେକ୍ଟର-୧୮ ମାର୍କେଟ ଏବଂ ଅନ୍ୟାନ୍ୟ ବଜାରରେ ଭିଡ଼ ଦେଖିବାକୁ ମିଳୁଛି।

ଜୁନିଅର ଆକାଉଟାଂଟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ସୁନ୍ଦରଗଡ଼, ୨୨।୧୨(ନି/ପ୍ର): ଜୁନିଅର ଆକାଉଟାଂଟଙ୍କ ରବିନ୍ଦ୍ର କୁମାର ବାରିକଙ୍କ ଘରେ ଭିଜିଲାନ୍ସ ରେଡ୍ । ସୋମବାର ଅର୍ଥାତ୍ ଆଯ ବହିର୍ଭୂତ ସମ୍ପତ୍ତି ଠୁକ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ରବିନ୍ଦ୍ର କୁମାରଙ୍କ ଘର ସମେତ ୫ଟି ଠିକଣାରେ ଚଢ଼ାଉ କରାଯାଇଛି । ରବିନ୍ଦ୍ର କୁମାର ବାରିକଙ୍କ ସୁନ୍ଦରଗଡ଼ ଜିଲ୍ଲା ଓଏସିଏସସି ଲିମିଟେଡ୍‌ର ଡିଏମ୍ କାର୍ଯ୍ୟାଳୟର ଜୁନିଅର ଆକାଉଟାଂଟ ଭାବେ କାର୍ଯ୍ୟରତ । ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କ ଟିମ୍ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାର ୫ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି । ବାଲେଶ୍ୱର ଜିଲ୍ଲା ଗୋପାଳ ଗାଁରେ ଥିବା ୩ ମହଲା ବିଶିଷ୍ଟ ବାସଗୃହ, ବାଲେଶ୍ୱର ଗୋପାଳ ଗାଁରେ ଥିବା ୩ ମହଲା ବଜାର କମ୍ପ୍ଲେକ୍ସ ଓ ଜିମ୍, ବାଲେଶ୍ୱରରେ ଥିବା କଲ୍ୟାଣ ମଞ୍ଚପ, ସୁନ୍ଦରଗଡ଼ରେ ଥିବା ତାଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼ରେ ଥିବା ଭଡ଼ା ଘରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି । ତବେ ଶେଷ ହେବା ପରେ ଏନେଇ ଅଧିକ ସୂଚନା ମିଳିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

ପୂଜା ସମୟରେ ବିଭିନ୍ନ ସ୍ଥାନରୁ ସୁନା ଅଳଙ୍କାର ଲୁଟ ଘଟଣାର ଦୁଇ ଅପରାଧିଙ୍କୁ ପୋଲିସର ୩ ଦିନିଆ ରିମାଣ୍ଡ

ରାଉରକେଲା,୨୨/୧୨(ନି/ପ୍ର): ଗତ ଗଣେଶ ପୂଜା, ରାକ୍ଷୀ ପୂର୍ଣ୍ଣିମା ଓ ବଶହରା ସମୟରେ ଗୋଟିଏ ବାଲେନୋ ଗାଡିରେ ନକଲି ନମ୍ବର ପ୍ଲେଟ୍ ଲଗାଇ ରାଉରକେଲା ସହରର ସେକ୍ଟର-୧୯ ଏବଂ ସେକ୍ଟର-୭ ଥାନା ଅଞ୍ଚଳରୁ ହୋଇଥିବା ଚୋରି ମାମଲାର ତଦନ୍ତ କରି ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ସ୍ୱୀକାରୋକ୍ତି ଆଧାରରେ ଝାଡ଼ଖଣ୍ଡରୁ ବିପୁଳ ପରିମାଣର ସୁନା ଓ ହୀରା ଗହଣା ଜବତ କରାଯାଇଛି। ଜବତ ହୋଇଥିବା ଏହି ସମସ୍ତ ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୧୨ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜାମସେରପୁରର ଶଙ୍କ କୁମାର ସିଂ (୪୫) ଏବଂ ଅଜିତ କାର କୁମାର (୨୧)। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ସୁନା ମଙ୍ଗଳସୂତ୍ର, ୨ଟି ସୁନା ଚେନ୍, ୯ଟି ସୁନା ମୁଦି, ୪ ଯୋଡ଼ା କାନଫୁଲ ଏବଂ ଗୋଟିଏ ହୀରା ମୁଦି ଜବତ କରିଛି। ପୋଲିସର ସୂଚନା ଅନୁସାରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଶମ୍ଭୁ ସିଂ ନାମରେ ୨୦୧୨ ମସିହାରୁ ଓଡ଼ିଶା ଏବଂ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୧୨ରୁ ଅଧିକ ମାମଲା ରହିଛି । ରାଉରକେଲା ସେକ୍ଟର-୧୯ ଥାନା କେସ୍ ନମ୍ବର-୧୭୮/୨୫, ୧୭୯/୨୫ ତାରିଖ ୨୬.୦୯.୨୫ ଡି/ଏସ୍ ୩୩୧(୩)/୩୦୫(କ) ଏବଂ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୩୩୧(୩)/୩୦୫(କ)/୩(କ) ଅନୁଯାୟୀ ୩୩୧(୩)/୩୦୫(କ)/୩(୫) ଏବଂ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ଏବଂ ସେକ୍ଟର-୭ ଥାନା କେସ୍ ନମ୍ବର-୧୮୭ ତାରିଖ ୨୭.୦୮.୨୫ ଓ କେସ୍ ନମ୍ବର-୧୯୧ ତାରିଖ ୩୦.୦୮.୨୫ ଡି/ଏସ୍ ୩୩୧(୩)/୩୦୫(୨)/୩(୫) ବିଏନ୍ଏସ୍ ଧାରା ୩୩୧(୩)/୩୦୫(କ)/୩(କ) ଅନୁଯାୟୀ ୩୩୧(୩)/୩୦୫(କ)/୩(୫) ବିଏନ୍ଏସ୍ ଧାରା ୩୩୧(୩)/୩୦୫(କ)/୩(କ) ଅନୁଯାୟୀ ୩୩୧(୩)/୩୦୫(କ)/୩(୫) ଏବଂ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ଏବଂ ସେକ୍ଟର-୧୮ ଥାନା କେସ୍ ନମ୍ବର-୧୯୧ ତାରିଖ ୩୦.୦୮.୨୫ ଡି/ଏସ୍ ୩୩୧(୩)/୩୪୦(୨)/୩୪୫(୩)/୨୩୮/୩(୫) ବିଏନ୍ଏସ୍ ଧାରା ୧୯୨ ଏମ୍.ଭି ଆକ୍ଟ ଅନୁଯାୟୀ ମାମଲା ଏବଂ ସେକ୍ଟର-୭ ଥାନା କେସ୍ ନମ୍ବର-୧୮୭ ତାରିଖ ୨୭.୦୮.୨୫ ଓ କେସ୍ ନମ୍ବର-୧୯୧ ତାରିଖ ୩୦.୦୮.୨୫ ଡି/ଏସ୍ ୩୩୧(୩)/୩୪୦(୨)/୩୪୫(୩)/୨୩୮/୩(୫) ଇପଏ କ୍ଟ/ଙ୍କ ଧାରା ୧୯୨ ଗ.ଠ ଆଇନ। ଏହି ସମସ୍ତ ମାମଲାର ପୋଲିସ୍ ତଦନ୍ତ ଜାରି ରଖି, ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ନିଆଯାଇଥିଲା ଏବଂ ତାଙ୍କର ସ୍ୱୀକାରୋକ୍ତି ପରେ ସେକ୍ଟର-୧୯ ଥାନା ଝାଡ଼ଖଣ୍ଡରେ ଅଭିଯୁକ୍ତଙ୍କ ଘରୁ ଅଧିକ ଚୋରି ସୁନା ଏବଂ ହୀରା ଅଳଙ୍କାର ଜବତ କରିଯାଇଥିଲା । ଏହି ଘଟଣାରେ ପୋଲିସ ପକ୍ଷରୁ ଜବତ କରାଯାଇଥିବା ସମସ୍ତ ସୁନା ଅଳଙ୍କାରକୁ ତାଙ୍କର ଦାବୀଦାରଙ୍କୁ ହସ୍ତାନ୍ତର କରାଯିବ ବୋଲି ରାଉରକେଲା ପୋଲିସ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜୋନ୍-୧ ଡିଏସପି ଯୋଗେଶ୍ୱର ପଣ୍ଡାଙ୍କ ସମେତ ସେକ୍ଟର-୧୯ ଆଇଆଇସି ରଞ୍ଜନ କୁମାର ନାୟକ, ଏସ୍ଆଇ ରାକେଶ ବେହେରା, ସେକ୍ଟର-୭ ଥାନା ଆଇଆଇସି ରବିନ୍ଦ୍ର ପାତ୍ର, ଏସ୍ଆଇ ଜଂଜିତ କୁମାର ପ୍ରଧାନ ଏବଂ ଏଏସ୍ଆଇ ରଞ୍ଜିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ପଚାଂୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ସୁନ୍ଦରଗଡ଼,୨୨/୧୨(ନି/ପ୍ର): ଆଜି ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ରବି ନାୟକ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିବା ସହିତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ମାନ୍ୟବର ଉପ-ବାଚସ୍ପତି, ଓଡ଼ିଶା ବିଧାନ ସଭା, ଶ୍ରୀ ଭବାନୀ ଶଙ୍କର ଭୋଇ,ମୁଖ୍ୟ ଇନ୍ଜୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସବର ଉପଜିଲ୍ଲାପାଳ ଶ୍ରୀମତୀ ଦେବସ୍ମିତା ବେହେରା, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ବେଟେ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଜରମଡିହି ସ୍ଥିତ ଷ୍ଟିଲ୍ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହିତ ପ୍ରଶିକ୍ଷକ, ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଜରମଡିହି ସ୍ଥିତ ଗ୍ରାମୀଣ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ସିଲାଇ ଓ ପ୍ୟାକେଜିଂ ୟୁନିଟର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ସେଥିସହିତ ମହୁଆ ଫ୍ୟାକେଜିଂ କାର୍ଯ୍ୟଳକାପଲୁମଧ୍ୟ ସମୀକ୍ଷା କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନିଜର ବିକାଶ ପାଇଁ ସଚ୍ୟନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ । ଏହି ଗସ୍ତ ସମୟରେ ଓରମାରର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କେଶବ ଝା, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ସାମୁଏଲ ଟୋପ୍ପୋ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓଡିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର କୋରାପୁଟ ଜିଲା ଶାଖାର ସମାବେଶ

ଜୟପୁର,୨୨/୧୨(ନି/ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ସମାବେଶ ଓ ବନ୍ଧୁ ମିଳନ ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ବାଶଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୩୦୦ରୁ ଊର୍ଦ୍ଧ ଅଣଗେଜେଟେଡ୍ କର୍ମଚାରୀ ଯୋଗଦାନ କରିଥିଲେ କ୍ଷ ପ୍ରଥମେ ରାଜ୍ୟ ନେତୃବୃନ୍ଦ ଓ ବିଭିନ୍ନ ଜିଲ୍ଲା ରୁ ଆସିଥିବା ନେତୃବୃନ୍ଦଙ୍କୁ ରାଜ ନହର ରଘୁନାଥ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ନୃତ୍ୟ, ସଙ୍ଗୀତ ଓ କୋରାପୁଟର ପରମ୍ପରା ଢେମସା ରେ ଜରତ୍ ଜନନୀ ମନ୍ଦିର ଛକ ପର୍ଯ୍ୟନ୍ତ ନିଆଯାଇଥିଲା । ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବିଭିନ୍ନ ନ୍ୟାର୍ଯ୍ୟ ଦାବି ଉପରେ ସ୍ଲୋଗାନ ଦେଇଥିଲେ କର୍ମଚାରି । ତା'ପରେ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ କର୍ମଚାରି ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ହାସଲ ନିମନ୍ତେ ଆଲୋଚନା ହୋଇଥିଲା, ମୁଖ୍ୟତଃ କର୍ମଚାରି ମାନଙ୍କୁ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା, ପୁରୁଣା ପେନସନ, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି, ଏକ୍ସ ଜ୍ୟାଡ଼ିଚ ଉଛେଦ, ବୁକଗ୍ରାଟ୍ସ ଉଛେଦ, ଠିକା ନିଯୁକ୍ତି ଉଚ୍ଛେଦ ସହିତ ଅନ୍ୟାନ୍ୟ ଦାବି, ଏନେଇ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିବା ସହିତ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇଥିବା ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ବୈଠକରେ ଷଷ୍ଠ କରିଥିଲେ । ଏହି ବୈଠକରେ ଅଭ୍ୟର୍ଥନା କମିଟି ଅଧକ୍ଷ ଲକ୍ଷ୍ମୀ ନାରାୟଣ ସେଠି, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଅଧକ୍ଷ ସୁନନ୍ଦ କୁମାର ଜାନୁନଗୋ, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଉପଧକ୍ଷ ସମ୍ପାଦକ ଶ୍ୟାମ ସୁନ୍ଦର ନାୟକ, ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ପୂର୍ବତନ ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପ କେଶରୀ ଦଳେଇ, ଜିଲ୍ଲା ଅଧକ୍ଷ ହରି ହର ଶତପଥୀ ଜିଲ୍ଲା ସମ୍ପାଦକ ମହେଶ୍ୱର ମିଶ୍ର ଓ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ଶଶୀ ଭୂଷଣ ବାଶ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପରି ଶେଷରେ ଶ୍ରୀ ବାଶ୍ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

ବ୍ରାହ୍ମଣୀ ନଦୀରେ ବୁଡ଼ି ୨ ମୃତ



ରାଉରକେଲା,୨୨/୧୨(ନି/ପ୍ର):ବ୍ରାହ୍ମଣୀ ନଦୀରେ ବୁଡ଼ି ପୁଣି ଦୁଇ ଜଣଙ୍କ ମୃତ୍ୟୁ । ମୃତକଙ୍କ ମଧ୍ୟରେ ରହିଛନ୍ତି ଜଣେ ଯୁବକ ଏବଂ ଅନ୍ୟ ଜଣେ ଯୁବତୀ । ମିଳିଥିବା ସୂଚନା ଅନୁସାରୀ ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଚିଲକା ନଗର ଅଟଂକରୁ ଜଣେ ଯୁବକ ଏବଂ ଅନ୍ୟ ଜଣେ ଯୁବତୀ ଚାନ୍ଦିପୋଷ୍ଠ ଥାନା ଅନ୍ତର୍ଗତ ବିରଚୋକା ବ୍ରାହ୍ମଣୀ ନଦୀ ଜୁଳକୁ ବୁଲିବକୁ ଯାଇଥିଲେ । ମନ୍ଦିର ନିକଟରେ ଥିବା ନଦୀରେ ଗାଧୋଇଥିବା ବେଳେ ଦୁଇ ଜଣ ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଫାୟର ବ୍ରିଗେଡ ଟିମ୍ ନଦୀ ଜୁଳରେ ସହଟି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଥିଲେ । ଯୁବକ , ଯୁବତୀଙ୍କୁ ନଦୀରୁ ଉଦ୍ଧାର କରିବା ପରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଥିଲା । ପୋଲିସ୍ ଉଭୟଙ୍କ ମୃତ ଦେହ ପୋଷ୍ଟମର୍ଟମ୍ ପାଇଁ ପଠାଇ ଘଟଣାର ତଦନ୍ତ କରୁଛନ୍ତି । ଯୁବକ ଯୁବତୀଙ୍କ ସ୍ପଷ୍ଟ ପରିଚୟ ମିଳି ପାରି ନାହିଁ।

ଆରଏସପି ଦ୍ୱାରା ରାଉରକେଲା ହାଫ୍ ମାରାଥନ୍ -୨୦୨୬ରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଅଂଶଗ୍ରହଣକାରୀଙ୍କୁ ସାମିଲ କରିବା ପାଇଁ ବହୁମୁଖୀ ପଦକ୍ଷେପ

ରାଉରକେଲା,୨୨/୧୨(ନି/ପ୍ର):ଆଗାମୀ ରାଉରକେଲା ହାଫ୍ ମାରାଥନ୍-୨୦୨୬କୁ ରାଉରକେଲା ଏବଂ ନିକଟବର୍ତ୍ତୀ ଅଟଂକର ବାସିନ୍ଦାଙ୍କ ପାଇଁ ଏକ ସମାବେଶୀ ଇଭେଣ୍ଟ କରିବା ପାଇଁ ଏହାର ପ୍ରୟାସ ଜାରି ରଖି, ସେଲ୍ ରାଉରକେଲା ଇସ୍ପାତ କାରଖାନା ମାରାଥନର ବିଷୟବସ୍ତୁ ସାମଗ୍ରିକ ଅଭିବୃଦ୍ଧିକୁ ଅନ୍ତର୍ଭୁକ୍ତ ଉପରେ ଆଧାରିତ ସମୃଦ୍ଧି ପାଇଁ ଦୌଡ଼ ଅନୁରୂପ ପ୍ରୟାସ ସ୍ୱରୂପ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର କ୍ରୀଡ଼ା ପ୍ରତିଭାଙ୍କ ଉପରେ ଅତିରିକ୍ତ ଗୁରୁତ୍ୱ ଦେବାକି । ଆରଏସପି ଏହାର ସିଏସ୍ଆର୍ ବିଭାଗ ମାଧ୍ୟମରେ, ଏକ ବିଶାଳ ଅଭିଯାନ ଆରମ୍ଭ କରିଛି ଯାହା ଅଧୀନରେ ବିଭିନ୍ନ ଗ୍ରାମରେ ପ୍ରୋମୋ ଇଭେଣ୍ଟ ଆୟୋଜନ କରାଯାଉଛି । ଏହି ଇଭେଣ୍ଟଗୁଡ଼ିକ ପାର୍ଶ୍ୱାଂଚଳ ଲୋକମାନମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରୁଛି । ହାଫ୍ ମାରାଥନ୍ ପାଇଁ ଅଂଶଗ୍ରହଣକାରୀଙ୍କ ମାଗଣା ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର କିଓସ୍କ ସ୍ଥାପନ କରାଯାଇଛି । ଉଲ୍ଲେଖନୀୟ ଯେ, ଗ୍ରାମାଂଚଳ ଅଂଶଗ୍ରହଣକାରୀଙ୍କ ପାଇଁ ପଞ୍ଜିକରଣ ଫି ଛାଡ କରାଯାଇଛି ଏବଂ ହାଫ୍ ମାରାଥନ୍ ପାଇଁ ପଞ୍ଜିକରଣ କରୁଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଟି-ସାର୍ଟ ପ୍ରଦାନ କରାଯାଉଛି। ପ୍ରୋମୋ ରନ ସମୟରେ ଅଂଶଗ୍ରହଣକାରୀମାନଙ୍କୁ ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଉଛି । ସେମାନେ ଓ୍ୱାର୍ମ-ଅପ୍ ରୁଟିନ୍, ସଠିକ୍ ଦୌଡ଼ ପୋଷ୍ଟର, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଳିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ କୌଶଳ ମଧ୍ୟ ଶିଖିଛନ୍ତି, ଯାହା ଅଂଶଗ୍ରହଣକାରୀମାନଙ୍କୁ ଏହି କ୍ରୀଡ଼ା ପ୍ରତି ଏକ ଶୃଙ୍ଖଳିତ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପ୍ରେରଣା ଦେଇଛି। ମାରାଥନ୍ ର ମାଷ୍ଟର୍ ପଦ୍ମା ଏବଂ ରାଜାର ଉପସ୍ଥିତି ଇଭେଣ୍ଟଗୁଡ଼ିକର ଆକର୍ଷଣକୁ ବୃଦ୍ଧି କରୁଛି। ଉଲ୍ଲେଖନୀୟ ଯେ, ଆରଏସପି ଅଂଶଗ୍ରହଣକାରୀଙ୍କ ଯାତାୟାତ, ରହିବା ଏବଂ ଖାଦ୍ୟପନୀୟ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛି। ସ୍ଥାମୀଣ ଅଂଶଗ୍ରହଣକାରୀଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ବର୍ଗ ମଧ୍ୟ ସୃଷ୍ଟି କରାଯାଇଛି।

'ଶ୍ରୀ ସତ୍ୟ ସାଇ ରନ୍ ଆଣ୍ଡ୍ ରାଇଡ୍'ର ଭବ୍ୟ ଆୟୋଜନ

ରାଉରକେଲା,୨୨/୧୨(ନି/ପ୍ର): ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ରାଉରକେଲା ସମିତି ଆନୁକୂଲ୍ୟରେ ୨୧ ଡିସେମ୍ବର (ରବିବାର) ଦିନ ବିର୍ଦ୍ଧା ମୁଣ୍ଡା ଆଥଲେଟିକ୍ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟ ସାଇ ବାବାଙ୍କ ଜ